ସକାଳ
THE SAKALA



**ଅର୍ପଣ ରଥ ପରିକ୍ରମା ଶେଷ**

# ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ବସ୍ ଚଳାଚଳ ଆରମ୍ଭ

ବାରିପଦା, ୧୬।୧(ସମିସ)

ଗତ ୭ ତାରିଖରେ ଆରମ୍ଭ ହୋଇଥିବା ପରିକ୍ରମା ପ୍ରକଳ୍ପ ଅର୍ପଣ ରଥ ୧୪ ତାରିଖରେ ଉଦ୍‌ଯାପିତ ହୋଇଯାଇଛି। ଆସନ୍ତାକାଲି ଶ୍ରୀମନ୍ଦିର ପରିକ୍ରମା

## ୩ ପର୍ଯ୍ୟାୟରେ ଶ୍ରୀକ୍ଷେତ୍ର ଯିବେ ୯୪୮୦ ଭକ୍ତ

ପ୍ରକଳ୍ପ ଉଦ୍‌ଘାଟନ ହେବ। ଏଥିପାଇଁ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଶେଷ ହୋଇଛି। ପ୍ରଥମେ ଦ୍ୱିତୀୟ ଶ୍ରୀକ୍ଷେତ୍ର ଶ୍ରୀ ହରିବଳଦେବ ଜୀଉ ଓ ପରେ ବାରିପଦାର ଅଧିଷ୍ଠାତ୍ରୀ ଦେବୀ ମା' ଅମ୍ବିକାଙ୍କ ମନ୍ଦିରରେ ନିମନ୍ତ୍ରଣପତ୍ର ଦେବା ପରେ ଜିଲ୍ଲାରେ ଅର୍ପଣ ରଥ ପରିକ୍ରମା କରିଥିଲା। ଏହି ରଥକୁ ପ୍ରତି ପଞ୍ଚାୟତ ଓ ପୌରାଞ୍ଚଳରେ ଭବ୍ୟ ସ୍ୱାଗତ କରାଯାଇ ଗୁଆ-ଚାଉଳ ସଂଗ୍ରହ କରାଯାଇଥିଲା। ଯାହାକି ଶ୍ରୀକ୍ଷେତ୍ରରେ ଗୁଆ, ଚାଉଳ ପହଞ୍ଚିବ। ସେହିପରି ବୁଧବାର ପରିକ୍ରମା ପ୍ରକଳ୍ପର ସିଧାପ୍ରସାରଣ ପୁରୀରୁ ପ୍ରସାରିତ ହେବ। ଏଥିପାଇଁ ଜିଲ୍ଲାର ସମସ୍ତ ବ୍ଲକ, ପଞ୍ଚାୟତ, ୱାର୍ଡ ଓ ପୌରାଞ୍ଚଳ ମୁଖ୍ୟାଳୟରେ ଜନସାଧାରଣଙ୍କ ନିମନ୍ତେ ଏଲଇଡି ମାଧ୍ୟମରେ ଉଦଘାଟନର ସିଧାପ୍ରସାରଣ ଦେଖିବା ସହିତ ପ୍ରସାଦ ସେବନ କରିବେ। ସେହିପରି ଶ୍ରଦ୍ଧାଳୁମାନେ ଶ୍ରୀକ୍ଷେତ୍ରକୁ ଯିବା ପାଇଁ ମଙ୍ଗଳବାରଠାରୁ ଜଗନ୍ନାଥ ଏକ୍ସପ୍ରେସ ରାଇରଙ୍ଗପୁରରୁ ଚଳାଚଳ ଆରମ୍ଭ କରିଛି। ଅପରପକ୍ଷରେ ପ୍ରତି ପଞ୍ଚାୟତ ଓ





ପୌରାଞ୍ଚଳର ୱାର୍ଡରୁ ଜଣ ଭକ୍ତ ମନ୍ଦିର ପରିକ୍ରମା ପ୍ରକଳ୍ପ ବୁଲି ଶ୍ରୀମନ୍ଦିରରେ ଦିଅଁ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା ଗ୍ରହଣ କରାଯାଇଛି । ସୂଚନା ଅନୁଯାୟୀ, ଆସନ୍ତା ୨୯ ତାରିଖରେ ଜିଲ୍ଲାର ବଡ଼ସାହି, ବେତନଟୀ, କପ୍ତିପଦା, ଉଦଳା, ଖୁଣ୍ଟା, ଗୋପବନ୍ଧୁନଗର, ବାରିପଦା, ଶାମାଖୁଣ୍ଟା, ଶୁଳିଆପଦା, କୁଳିଅଣା, ରାସଗୋବିନ୍ଦପୁର ଓ ମୋରଡ଼ା ବ୍ଲକର ସକାଳ ୯ ଟାରେ ୯୦ଟି ବସରେ ୪୨୬୦ ଭକ୍ତ ବାହାରି ୩୦ତାରିଖରେ ପହଞ୍ଚି ଦର୍ଶନ କରିବେ। ସେହିପରି ୩୧ତାରଖରେ ବାରିପଦା ଓ ରାଇରଙ୍ଗପୁର ମ୍ୟୁନିସିପାଲଟି ଏବଂ ଉଦଳା ଓ କରଞ୍ଜିଆ ଏନଏସିରୁ ପ୍ରତି ୱାର୍ଡରୁ ଗୋଟିଏ ଲେଖାଏଁ ମୋଟ ୭୦ଟି ବସରେ ୧୪୦୦ ଭକ୍ତ ବାହାରି ଫେବୃଆରୀ ୧ତାରିଖରେ ପହଞ୍ଚିବା ସହିତ ଦର୍ଶନ କରିବେ। ଅପରପକ୍ଷରେ ଫେବୃଆରୀ ୬ତାରିଖରେ ଜିଲ୍ଲାର ବାଙ୍ଗିରିପୋଷି, ସାରସକଣା, କୁସୁମୀ, ବିଶୋଇ, ରାଇରଙ୍ଗପୁର, ବହଳଦା, ଜାମଦା, ବିଜାତଳା, ଟଣିପୁର, କରଞ୍ଜିଆ, ଶୁକ୍ରୁଳି, ରରୁଆଁ ଓ ଠାକୁରମୁଣ୍ଡା ବ୍ଲକରୁ ୯୦ଟି ବସରେ ୩୮୨୦ଜଣ ଭକ୍ତ ବାହାରି ୭ ତାରିଖରେ ପହଞ୍ଚିବା ସହିତ ଦର୍ଶନ କରିବେ। ମୋଟ ଭାବରେ ୨୫୦ଟି ବସରେ ୯୪୮୦ଜଣ ଭକ୍ତ ସରକାରୀ ସୁବିଧାରେ ଦର୍ଶନ କାର୍ଯ୍ୟକ୍ରମର ସୁବିଧା ପାଇବେ। ପ୍ରତି ବସରେ ନୋଡାଲ ଅଫିସର ଭାବେ କନିଷ୍ଠ ଯନ୍ତ୍ରୀ, ପିଇଓ, ଜିଆରଏସ ଓ ଯୋଗାଣ ସହାୟକ ଭକ୍ତଙ୍କୁ ନେଇ ଫେରିବା ପର୍ଯ୍ୟନ୍ତ ଦାୟିତ୍ୱ ବହନ କରିବେ ବୋଲି ଜଣାପଡ଼ିଛି।

## ଆଜି ଲୋକାର୍ପିତ ହେବ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ସ୍ମୃତି ସୌନ୍ଦର୍ଯ୍ୟ କଳାକୃତି



ପ୍ରଭୁ ଜଗନ୍ନାଥଙ୍କ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଆସନ୍ତାକାଲି (ବୁଧବାର) ଲୋକାର୍ପଣ ହେବ। ଏଥିସହିତ ଓଡ଼ିଶା ସମେତ ଶ୍ରୀମନ୍ଦିର ଇତିହାସରେ ଯୋଡି ହେବ ଆଉ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ। ଉକ୍ତ ଭବ୍ୟ ଆୟୋଜନର ସ୍ମୃତିକୁ ସର୍ବଦା ଲୋକଲୋଚନରେ ଉଜ୍ଜୀବିତ ରଖିବା ଉଦ୍ଦେଶ୍ୟରେ ବାରିପଦା ପୌର ପରିଷଦ ପକ୍ଷରୁ ସତ୍ୟସାଇ ଛକରେ ଆସନ୍ତାକାଲି ସୌନ୍ଦର୍ଯ୍ୟ କଳାକୃତି ଲୋକାର୍ପିତ ହେବ; ଯାହାକି ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପର ସ୍ମୃତି ବହନ କରିବ। ରାଜ୍ୟ ସରକାରଙ୍କ ସହରାଞ୍ଚଳ ସୌନ୍ଦର୍ଯ୍ୟକରଣ ଯୋଜନାରେ ବାରିପଦା ପୌର ପାଳିକା ପକ୍ଷରୁ ପ୍ରାୟ ୩୦ଲକ୍ଷ ଟଙ୍କାର ବ୍ୟୟ ଅଟକଳରେ ଏହି ସୋନ୍ଦର୍ଯ୍ୟ କଳାକୃତି ନିର୍ମାଣ କରାଯାଇଛି। ଯେଉଁଥିରେ ଶ୍ରୀମନ୍ଦିରର ସଦୃଶ୍ୟ ପଥର ଖଚିତ କଳାକୃତି ସ୍ଥାନ ପାଇଛି। ଏଥିସହିତ କାଞ୍ଚି ବିଜୟ ଯାତ୍ରା ଓ ରଥଯାତ୍ରାର କଳାକୃତି ମଧ୍ୟ ସ୍ଥାନିତ ହୋଇଛି। 'ଜୟ ଜଗନ୍ନାଥ' ଲେଖା ଥିବା ସେଲ୍ଫି ପଏଣ୍ଟ ମଧ୍ୟ ରହିଛି। ବାରିପଦା ସହରକୁ ପ୍ରବେଶ ପଥ (ଭିଆଇପି ରୋଡ) ତଥା ସହର ମଧ୍ୟବର୍ତ୍ତୀ ପ୍ରମୁଖ ସ୍ଥାନରେ ଉକ୍ତ କଳାକୃତି ସ୍ଥାନ ପାଇଛି; ଯାହାକି ଅତି ରମଣୀୟ ଦେଖା ଯାଉଥିବା ବେଳେ ଆଗନ୍ତୁକଙ୍କୁ ବେଶ ଆକୃଷ୍ଟ କରିବ। ବିଶ୍ୱ ନିୟନ୍ତା ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ମନ୍ଦିରର ପରିକ୍ରମା ପ୍ରକଳ୍ପର ଲୋକାର୍ପଣରେ ସବୁଠି ଭକ୍ତିମୟ ପରିବେଶ ସୃଷ୍ଟି ହେଉଥିବା ବେଳେ ବାରିପଦା ପୌରପାଳିକା ପକ୍ଷରୁ ନିଆରା ପ୍ରୟାସ କରାଯାଇଛି। ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଚିନ୍ତାଧାରାରେ ରୂପାନ୍ତରଣ ପ୍ରକ୍ରିୟାରେ ବାରିପଦା ସହର ବର୍ଷକ ମଧ୍ୟରେ ବହୁ ପରିବର୍ତ୍ତନ ଘଟିଛି। ସମଗ୍ର ସହରକୁ ନୂତନ ରୂପ ଦେବାକୁ ଯାଇ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଜାରି ରହିଛି। ପୋଖରୀ, ପାର୍କ, ଚଲାପଥ, ପାର୍କିଂ ଓ ସ୍ୱଚ୍ଛତା ପାଇଁ ପ୍ରକଳ୍ପ ମାନ ହାତକୁ ନିଆଯାଇଛି। ଅନେକ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଆଗକୁ ଅବଶିଷ୍ଟ ପ୍ରକଳ୍ପ ଶେଷ ହେବ। ସତ୍ୟସାଇ ଛକ ଭଳି ବାରିପଦା ସହରର ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ବିଭିନ୍ନ କଳାକୃତି କରାଯିବ ବୋଲି ନଗରପାଳ କୃଷ୍ଣାନନ୍ଦ ମହାନ୍ତି କହିଛନ୍ତି।

## ଦୁଆରଶୁଣୀ ଘାଟିରେ ଦୁର୍ଘଟଣା;ଟ୍ରକ୍ ଚାଳକ ମୃତ



**ବାରିପଦା, ୧୬ ।୧(ସମିସ):** ପୁଣି ଦୁଆରଶୁଣୀ ଘାଟିରେ ଦୁର୍ଘଟଣା। ଦୁଇଟି ମାଲବାହୀ ଟ୍ରକ ଧକ୍କା ହେବା ଫଳରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଦୁର୍ଘଟଣାରେ ଗୋଟିଏ ଟ୍ରକ ଘାଟି ରାସ୍ତା ତଳକୁ ଖସିପଡିଛି। ବାଙ୍ଗିରିପୋଷି ନିକଟ ଏହି ଘାଟି ରାସ୍ତା ଦେଇ ମୋରଡା ବିଧାୟକ ରାଜକିଶୋର ଦାସ ରାଇରଙ୍ଗପୁର ଯାଉଥିବା ବେଳେ ତାଙ୍କ ସମ୍ମୁଖରେ ଏହି ଦୁର୍ଘଟଣା ଘଟିଥିଲା। ଗୋଟିଏ ଟ୍ରକ ଚାଳକଙ୍କୁ ସେ ଉଦ୍ଧାର କରି ବାଙ୍ଗିରିପୋଷି ଡାକ୍ତରଖାନାକୁ ପଠାଇଥିବା ବେଳେ ରାସ୍ତା ତଳକୁ ଖସିଥିବା ଟ୍ରକର ଚାଳକଙ୍କୁ ଉଦ୍ଧାର ପାଇଁ ବିଧାୟକ ଶ୍ରୀ ଦାସ ଅଗ୍ନିଶମ ଓ ଓଡ୍ରାଫ ଟିମ ଓ ବାଙ୍ଗିରିପୋଷି ପୁଲିସକୁ ଡକାଇଥିଲେ; ହେଲେ ରାସ୍ତା ତଳକୁ ଖସି ପଡିଥିବା ଟ୍ରକର ଚାଳକଙ୍କ ମୃତ୍ୟୁ ଘଟିଛି। ଦୀର୍ଘ ସମୟ ପରେ ଗ୍ୟାସ କଟର ସହାୟତାରେ ଟ୍ରକକୁ କାଟି ଚାଳକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

**● ସାଂସ୍କୃତିକ ମହୋତ୍ସବ ଇଉଫୋରିଆ-୨୦୨୪**

## ୨୮ରେ ରୌପ୍ୟ ଜୟନ୍ତୀ




**ବାରିପଦା, ୧୬ ।୧(ସମିସ):** ଯୁବ ପ୍ରତିଭାଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ କଳାକୁ ଲୋକଲୋଚନକୁ ଆଣିବା ଲକ୍ଷ୍ୟରେ 'ଦି ଇଉଫୋରିଆ' ଆୟୋଜନ ହେଉଛି। ଗତ ୨୫ ବର୍ଷ ଧରି ଏହି ମହୋତ୍ସବ ଆୟୋଜନ ହେଉଥିବାରୁ ଚଳିତବର୍ଷ ରୌପ୍ୟ ଜୟନ୍ତୀ ପାଳନ କରିବ। ରାଜ୍ୟସ୍ତରୀୟ ଆନ୍ତଃ ମହାବିଦ୍ୟାଳୟ ସାଂସ୍କୃତିକ ମହୋତ୍ସବ ଇଉଫୋରିଆ-୨୦୨୪ ଜାନୁଆରୀ ୨୮ରୁ ୩୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏ ନେଇ କମିଟି ପକ୍ଷରୁ ସଭାପତି ତାପସ କୁମାର ପାଢୀ ସୂଚନା ଦେଇଛନ୍ତି। ମହୋତ୍ସବର ଅଧ୍ୟକ୍ଷ ଅସିତ କୁମାର ଗିରିଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ବୈଠକରେ ସମସ୍ତ ସଦସ୍ୟ/ ସଦସ୍ୟା ଉପସ୍ଥିତ ରହି ଏହି ମହୋତ୍ସବ କିପରି ସଫଳତା ହାସଲ କରିବ ସେ ନେଇ ଆଲୋଚନା କରିଛନ୍ତି। ଏହି ମହୋତ୍ସବରେ ରାଜ୍ୟର ୫୮ଟି ଶିକ୍ଷାନୁଷ୍ଠାନର ୫୦୦ରୁ ଅଧିକ ପ୍ରତିଯୋଗୀ ଯୋଗଦେବେ ବୋଲି ସମ୍ପାଦକ ସତ୍ୟସ୍ୱରୂପ ଦାଶ ସୂଚନା ଦେଇଛନ୍ତି। ସ୍ଥାନୀୟ ସହିଦ ସ୍ମୃତି ଭବନରେ ୪ ଦିନ ଧରି ଏହି ମହୋତ୍ସବର ବିଭିନ୍ନ ପ୍ରତିଯୋଗିତା ମାନ ଅନୁଷ୍ଠିତ ହେବା ସହ ଏହାର ଉଦଯାପନୀ ଉତ୍ସବ ଛଉ ପଡିଆରେ ଅନୁଷ୍ଠିତ ହେବ। ଜାନୁଆରୀ ୩୧ ତାରିଖ ସନ୍ଧ୍ୟାରେ ହେବାକୁ ଉଦଯାପନୀ ଉତ୍ସବରେ ଇଣ୍ଡିଆନ ଆଇଡଲ ଓ ସା-ରେ-ଗା-ମା-ପା-ର ସୁପ୍ରସିଦ୍ଧ କଳାକାରମାନେ ଯୋଗଦେବା ସହ ବିଭିନ୍ନ ନୃତ୍ୟ ଅନୁଷ୍ଠାନ ତରଫରୁ ରଙ୍ଗାରଙ୍ଗ କର୍ଯ୍ୟକ୍ରମ ଆୟୋଜିତ ହେବ। ଏହି ମହୋତ୍ସବରେ ୧୮ ଟି ଏକକ ଓ ୭ଟି ଦଳଗତ ପ୍ରତିଯୋଗିତା ଅନୁଷ୍ଠିତ ହେବ। ପୂର୍ବ ବର୍ଷ ପରି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ 'ମିଷ୍ଟର ଓ ମିସ ଉଫୋରିଆ' ପ୍ରତିଯୋଗିତା ହେବା ନେଇ ସ୍ଥିର ହୋଇଛି ବୋଲି ସାଂସ୍କୃତିକ ସମ୍ପାଦକ ରାକେଶ କୁମାର ବେହେରା ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

**● ଗର୍ଜିଲା ଭାରତ ମୁକ୍ତି ମୋର୍ଚ୍ଚା କେନ୍ଦ୍ରୀୟ ୟୁନିଟ**

## ଇଭିଏମ୍ ବିରୋଧରେ ଜିଲ୍ଲା ମୁଖ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ

ବାରିପଦା, ୧୬ ।୧(ସମିସ)




ମୂଳନିବାସୀ ନାୟକ ୱାମନ ମେଶ୍ରାମ ସାହେବଙ୍କ ଆହ୍ୱାନ କ୍ରମେ ଭାରତ ମୁକ୍ତି ମୋର୍ଚ୍ଚାର କେନ୍ଦ୍ରୀୟ ୟୁନିଟ ଦ୍ୱାରା 'ଇଭିଏମ ହଟାଅ, ବାଲାଟ ପେପର ଆଣ ଓ ଲୋକତନ୍ତ୍ର ବଞ୍ଚାଅ ଅଭିଯାନ' ଅନ୍ତର୍ଗତ ଦେଶବ୍ୟାପୀ ୪ର୍ଥ ପର୍ଯ୍ୟାୟରେ ଚରଣବଦ୍ଧ ଆନ୍ଦୋଳନ ସହିତ ଆସନ୍ତା ୩୧ ତାରିଖରେ କେନ୍ଦ୍ରୀୟ ନିର୍ବାଚନ ଆୟୋଗ କାର୍ଯ୍ୟାଳୟରେ ବିଶାଳ ମହାମୋର୍ଚ୍ଚା ପହଞ୍ଚିବ ବୋଲି ଘୋଷଣା କରାଯାଇଛି। ଏଥିପାଇଁ ମୟୂରଭଞ୍ଜ ଜିଲ୍ଲା ୟୁନିଟର ସଭାପତି ଆଇନଜୀବୀ ଭାଦୁରାମ ସୋରେନ, ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦର ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ସିଂ, ବହୁଜନ ମୁକ୍ତି ପାର୍ଟିର ଜିଲ୍ଲା ସଭାପତି ମହୋନଲାଲ ସଏ, ରାଷ୍ଟ୍ରୀୟ ମୂଳନିବାସୀ ମହିଳା ସଂଘର ଜିଲ୍ଲା ସଭାନେତ୍ରୀ ଶୁଭଶ୍ରୀ ସିଂ, କାର୍ଯ୍ୟକାରୀ ସଭାନେତ୍ରୀ ରୁକ୍ମଣୀ ସିଂ, ବାଲେଶ୍ୱର ଜିଲ୍ଲା କାର୍ଯ୍ୟକାରୀ ସଭାନେତ୍ରୀ ଶାନ୍ତିଲତା ଚାତର, ଭାରତୀୟ ବେରୋଜଗାର ମୋର୍ଚ୍ଚାର ଜିଲ୍ଲା ସଭାପତି ବୈଦ୍ୟନାଥ ସିଂ, ଭାରତୀୟ ବିଦ୍ୟାର୍ଥୀ ମୋର୍ଚ୍ଚାର ଜିଲ୍ଲା ସଭାପତି ବିନାୟକ ତିୟୁ, ରାଷ୍ଟ୍ରୀୟ ଆଦିବାସୀ ଛାତ୍ରସଂଘର ଜିଲ୍ଲା ସଭାପତି ପ୍ରସ୍ନଜିତ ପୂର୍ତ୍ତି, ଭାରତୀୟ ବିଦ୍ୟାର୍ଥୀ ଛାତ୍ରା ପ୍ରକୋଷ୍ଠର ରାଜ୍ୟ ମିଡିଆ ପ୍ରଭାରୀ ତୁଳସୀ ତିୟୁ, ପୂର୍ଣ୍ଣକାଳୀନ ପ୍ରଚାରକ ଫାଗୁରାମ ବାସ୍କେଙ୍କ ମିଳିତ ନେତୃତ୍ୱରେ ବାରିପଦା ଷ୍ଟେସନ ବଜାର ଖେଳ ପଡିଆରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ପ୍ରତିବାଦ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣଭାବେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଭାରତର ସର୍ବୋଚ୍ଚ ନ୍ୟାୟାଳୟ ୨୦୧୩ ଅକ୍ଟୋବର୮ ରେ ସୁବ୍ରମଣ୍ୟମ ସ୍ୱାମୀଙ୍କ ଇଭିଏମକୁ ନେଇ ଏକ ଜନସ୍ୱାର୍ଥ ଆବେଦନ ଉପରେ ଶୁଣାଣି କରିଥିଲେ। ଜର୍ମାନୀର ସର୍ବୋଚ୍ଚ ନ୍ୟାୟାଳୟ ଇଭିଏମ ମାଧ୍ୟମରେ ନିର୍ବାଚନ କରିବା ଅସାମ୍ବିଧାନିକ ଘୋଷଣା କରିବା ସହିତ ଇଭିଏମ ଉପରେ ପ୍ରତିବନ୍ଧକ ଲଗାଇଛନ୍ତି। କିନ୍ତୁ ଭାରତରେ ଇଭିଏମକୁ ଉପଯୋଗ କରି ନିର୍ବାଚନ କରିବା ନିର୍ବାଚନ ଆୟୋଗ ଓ ଭାରତ ସରକାରଙ୍କ ସମ୍ବିଧାନ ଏବଂ ଲୋକତନ୍ତ୍ର ବିରୋଧୀ ଆଭିମୁଖ୍ୟକୁ ଉଜାଗର କରୁଛି। ଯଦ୍ୱାରା ଦେଶରେ ବିଭିନ୍ନ ପ୍ରକାରର ସମସ୍ୟା ଦିନକୁ ଦିନ ବଢିବାରେ ଲାଗିଛି। ବର୍ତ୍ତମାନ ଆରଏସଏସ-ବିଜେପି ଦ୍ୱାରା ନିୟନ୍ତ୍ରିତ ମୁଖ୍ୟ ନିର୍ବାଚନ ଆୟୋଗ ହିଁ କେବଳ ଇଭିଏମ ସପକ୍ଷରେ ଥିବା ବେଳେ ସମସ୍ତ ବିପକ୍ଷ ରାଜନୈତିକ ପାର୍ଟି, ସାମାଜିକ ସଂଗଠନ, ବୁଦ୍ଧିଜୀବୀ ଏବଂ ଦେଶର ଜନସାଧାରଣ ସମ୍ବିଧାନ ଓ ଲୋକତନ୍ତ୍ରକୁ ବଞ୍ଚାଇ ରଖିବା ପାଇଁ ଇଭିଏମ ବିରୋଧରେ ଦେଶବ୍ୟାପୀ ଆନ୍ଦୋଳନ କରୁଛନ୍ତି। ଏହି ଆନ୍ଦୋଳନକୁ ଜିଲ୍ଲା ୟୁନିଟ ପକ୍ଷରୁ ପୂର୍ଣ୍ଣ ସମର୍ଥନ କରିବା ସହିତ ଆନ୍ଦୋଳନକୁ ସଫଳ କରିବା ପାଇଁ ସହଯୋଗ କରିବାକୁ ଘୋଷଣା କରିଛନ୍ତି। ଏହାବ୍ୟତୀତ ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି ଯେ ମୁଖ୍ୟ ନିର୍ବାଚନ ଆୟୋଗ ଓ ସରକାର ଯଦି ଇଭିଏମ ଉପରେ ତୁରନ୍ତ ପ୍ରତିବନ୍ଧକ ଲଗାଇ ପୁନର୍ବାର ବାଲାଟ ମାଧ୍ୟମରେ ନିର୍ବାଚନ ନ କରନ୍ତି, ତେବେ ଆଗାମୀ ୩୧ ତାରିଖରେ ନୂଆଦିଲ୍ଲୀସ୍ଥିତ ମୁଖ୍ୟ ନିର୍ବାଚନ ଆୟୋଗ କାର୍ଯ୍ୟାଳୟକୁ ଲକ୍ଷାଧିକ ଲୋକଙ୍କୁ ନେଇ ଏକ ବିଶାଳ ମହାମୋର୍ଚ୍ଚା ନେବା ସହିତ ଉଗ୍ର ଆନ୍ଦୋଳନ କରାଯିବ। ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ବିଦ୍ୟାର୍ଥୀ ମୋର୍ଚ୍ଚାର ରାଜ୍ୟମିଡିଆ ପ୍ରଭାରୀ କରମଜୀତ ସିଂ, ରବିନ୍ଦ୍ର ସିଂ, ପ୍ରାଣନାଥ ମୁର୍ମୁ, ସୁକୁରା ସିଂ, ଦୁର୍ଗାଚରଣ ସିଂ, ଶଙ୍କର ସିଂ, କନ୍ଦା ବାସ୍କେ, ଗୋବିନ୍ଦ ବଦରା, ପାରାଓ ମାଝି, ଅର୍ଜୁନ ମହାନ୍ତ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ବ୍ରାଉନ ସୁଗର ଜବତ; ୨ ଗିରଫ

**ବାରିପଦା, ୧୬ ।୧(ସମିସ):** ରାଜ୍ୟରେ ବ୍ରାଉନ ସୁଗର ଭଳି ମାରାତ୍ମକ ନିଶା କାରବାର ଦିନକୁ ଦିନ କାୟା ବିସ୍ତାର କରିବାରେ ଲାଗିଛି; ଯାହାର କବଳରେ ଯୁବ ସମାଜ କବଳିତ ହୋଇ ବହୁ ଅପରାଧିକ ମାମଲା ବଢିବାର ଲକ୍ଷ୍ୟ କରାଯାଉଛି। ତେବେ ଏହି କାରବାର ରୋକିବାରେ ବାରିପଦା ଟାଉନ ଥାନା ପୁଲିସକୁ ସଫଳତା ମିଳିଛି। ବିଶ୍ୱସ୍ତସୂତ୍ରରୁ ଖବର ପାଇ ବାରିପଦା ଟାଉନ ଥାନା ପୁଲିସ ଚଢ଼ଉ କରି ବ୍ରାଉନ ସୁଗର ଜବତ କରିବା ସହିତ ଏହି କାରବାରରେ ସମ୍ପୃକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଭଞ୍ଜପୁର ଥାନା ଅନ୍ତର୍ଗତ ବିଜୟରାମଚନ୍ଦ୍ରପୁର ଅଞ୍ଚଳର ଚନ୍ଦନ ଶେଖର ପାତ୍ର(୨୭) ଓ ମାହେଶ୍ୱରୀ ନାଇଡୁ (୩୧)। ସୂଚନା ଅନୁଯାୟୀ, ସୋମବାର ବାରିପଦା ଟାଉନ ପୁଲିସ ପାଟ୍ରୋଲିଂ କରୁଥିବାବେଳେ ବ୍ରାଉନ



ସୁଗର କାରବାର ନେଇ ଖବର ପାଇଥିଲା। ପରେ ପାଲବଣି ନିକଟସ୍ଥ ନିକୋ କାରଖାନା ଛକ ନିକଟରେ ଚଢ଼ଉ କରିଥିଲା। ଚଢଉରେ ୬.୪ ଗ୍ରାମର ବ୍ରାଉନ୍ ସୁଗର ଜବତ ହୋଇଛି; ଯାହାର ଆନୁମାନିକ ମୂଲ୍ୟ ୧୫ ହଜାର ଟଙ୍କା ହେବ ବୋଲି କୁହାଯାଉଛି। ଏହାକୁ ନେଇ ବାରିପଦା ଟାଉନ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ଏଥି ସହିତ ଗିରଫ ଉଭୟ ଅଭିଯୁକ୍ତଙ୍କ ଡାକ୍ତରୀ ପରୀକ୍ଷା ହେବା ପରେ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ସୁମିତ କୁମାର ସୋରେନ କହିଛନ୍ତି। ପଶ୍ଚିମବଙ୍ଗ ଓ ଜଳେଶ୍ୱର ଅଞ୍ଚଳରୁ ବ୍ରାଉନ ସୁଗାର ଆସି ବାରିପଦା ସହରରେ ବିକ୍ରି ହେଉଛି।

**● ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ଆରମ୍ଭ**

## ପ୍ରଚାର ରଥର ଶୁଭାରମ୍ଭ କଲେ ଜିଲ୍ଲାପାଳ




ବାରିପଦା, ୧୬ ।୧(ସମିସ)

ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦାରୁ ମଙ୍ଗଳବାର ଜଳସେଚନ ବିଭାଗ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ଶୁଭାରମ୍ଭ ହୋଇଛି। ଆୟୋଜିତ କାର୍ଯ୍ୟକ୍ରମରେ ପାଣି ପଞ୍ଚାୟତ ପ୍ରଚାର ରଥକୁ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥର ଆଗାମୀ ୧୫ ଦିନ ଯାଏଁ ବୁଲିବ। ଏହି ସମାରୋହରେ ଜିଲ୍ଲାର ସମୁଦାୟ ୨୬୮ ପାଣି ପଞ୍ଚାୟତରେ ଏହି ରଥ ପରିକ୍ରମା କରି ଜିଲ୍ଲା ଜଳସେଚନ ପ୍ରକଳ୍ପ ବାବଦରେ ବାର୍ତ୍ତା ପ୍ରଚାର ପ୍ରସାର କରିବା ସହିତ ଉତ୍ତମ ଜଳ ସେଚନ ବିଷୟରେ ଜନ ସାଧାରଣଙ୍କୁ ଅବଗତ କରାଇବ। ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ ଜିଲ୍ଲାବାସୀଙ୍କୁ ଅଭିନନ୍ଦନ ଜଣାଇବା ସହିତ ଦୈନନ୍ଦିନ ଜୀବନରେ ଜଳର ଉତ୍ତମ ବିନିଯୋଗ କରିବା ପାଇଁ କହିଥିଲେ। ଆଜି ବାଲିଡିହା ସ୍ଥିତ ଡ଼ାକବଙ୍ଗଳାରେ ଏକ ବିଭାଜନସ୍ତରୀୟ ସମାରୋହ ଅନୁଷ୍ଠିତ ହୋଇଥିଲା। ସମାରୋହର ଆବାହକ ତଥା ଅଧିକ୍ଷଣ ଯନ୍ତ୍ରୀ ପ୍ରସାଦ ରଞ୍ଜନ ପଣ୍ଡା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିରୂପେ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଭଗବାନ ଦାସ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ବୈଜ୍ଞାନିକ ସଂଘମିତ୍ରା ପଟ୍ଟନାୟକ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ କୃଷି ଓ କୃଷକ ପାଇଁ ସମସ୍ତ ଉପାଦେୟ ଜଳସେଚନ ମାଧ୍ୟମ ଏବଂ ଏହାର ଉପକାରିତା ବିଷୟରେ ଆଲୋକପାତ କରିଥିଲେ। ସଭାରେ ଆବାହକ ଶ୍ରୀ ପଣ୍ଡା କୃଷି ଉତ୍ପାଦନରେ ବୃଦ୍ଧି, ଜଳସଂପଦର ସୁବିନିଯୋଗ ଏବଂ ପରିବେଶ ସନ୍ତୁଳନ ବିଷୟରେ ଆଲୋକପାତ କରିଥିବା ବେଳେ ସଭାରେ ଉପସ୍ଥିତ ସମସ୍ତ ହିତାଧିକାରୀ, ଚାଷୀ ଏବଂ ପାଣି ପଞ୍ଚାୟତ କର୍ମକର୍ତ୍ତାଙ୍କ ସହିତ ସମସ୍ତ ସୁବିଧା ଅସୁବିଧା ବିଷୟରେ ଆଲୋଚନା କରିଥିଲେ। ମୁଖ୍ୟଅତିଥି ଶ୍ରୀ ଦାସ କୃଷକମାନଙ୍କ ଆର୍ଥିକ ଉନ୍ନତି ଏବଂ ଜଳସେଚନ ପ୍ରଣାଳୀରେ ଉପଯୁକ୍ତ ରକ୍ଷଣାବେକ୍ଷଣ ବିଷୟରେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରସନ୍ନ ଦାସ, ଆପେକ୍ସ କାଳ ସଭାପତି ଯଜ୍ଞ ମହାନ୍ତି, ସୁନେଇ ପାଣିପଞ୍ଚାୟତ ସଭାପତି ସୁବାସ ସାଏ, ବାଲିଡିହା ଆପେକ୍ସ ସଭାପତି ଦଶରଥ ପାଣ୍ଡେ ଓ ସମ୍ପାଦକ, କାଳ ଆପେକ୍ସର ସର୍ବେଶ୍ୱର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଉପଖଣ୍ଡ ବିଭାଗୀୟ ଅଧିକାରୀ ଗଜେନ୍ଦ୍ର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ମା' ହିଙ୍ଗୁଳା ଓ ମାଣତ୍ରୀ ଶୈବପୀଠରେ ଭିଡ଼



**ବଡ଼ସାହି, ୧୬।୧(ସମିସ):** ଉତ୍ତର ଓଡ଼ିଶାର ପ୍ରସିଦ୍ଧ ବଡ଼ସାହି ନିକଟ ସୁହାଗପୁରସ୍ଥିତ ମା' ହିଙ୍ଗୁଳାଙ୍କ ପୀଠ ଓ ମାଣତ୍ରୀ ବାବା କଖାରୁଆ ବୈଦ୍ୟନାଥଙ୍କ ପୀଠରେ ମକର ସଂକ୍ରାନ୍ତିରେ ସହସ୍ରାଧିକ ଭକ୍ତଙ୍କ ସମାଗମ ହୋଇଛି । ମା' ହିଙ୍ଗୁଳାଙ୍କ ପୀଠରେ ଅନୁଷ୍ଠିତ ହୋଇଥିବା ସ୍ୱତନ୍ତ୍ର ପୂଜା ଓ ମା' ହିଙ୍ଗୁଳାଙ୍କ ଅନ୍ନପୂର୍ଣ୍ଣା ବେଶ ଦେଖିବା ପାଇଁ ଭକ୍ତଙ୍କ ଭିଡ଼ ପ୍ରତିବର୍ଷ ଲାଗିଥାଏ । ଭକ୍ତମାନେ ମକର ସଂକ୍ରାନ୍ତିରେ ମା'ଙ୍କୁ ଦର୍ଶନ କରି ଶୁଭ ମନାସିଛନ୍ତି। ସୋମବାର ସକାଳେ ମଙ୍ଗଳ ଆଳତୀ, ୭ଟାରେ ସୂର୍ଯ୍ୟ ପୂଜା, ୮ଟାରେ ତିଳ ସହିତ ଅଷ୍ଟଗନ୍ଧାରେ ମା'ଙ୍କ ମହାସ୍ନାନ ଏବଂ ଉପଚାର ପୂଜା ଶେଷ ହୋଇଛି। ଏହାପରେ ମା'ଙ୍କ ସାଧାରଣ ଦର୍ଶନ ଓ ଭକ୍ତଙ୍କ ମାନସିକ ପୂଜା ଅନୁଷ୍ଠିତ ହୋଇଛି । ସେହିପରି ବାବା କଖାରୁଆ ବୈଦ୍ୟନାଥଙ୍କ ପୀଠରେ ମଧ୍ୟ ଭକ୍ତଙ୍କ ଭିଡ଼ ଲାଗିଥିଲା। ମନ୍ଦିର ପକ୍ଷରୁ ମକର ଭୋଗ ଲାଗି ପରେ ପ୍ରସାଦ ବଣ୍ଟନ ହେଉଥିଲା । ପ୍ରତି ବର୍ଷ ଭକ୍ତଙ୍କ ସଂଖ୍ୟା ବୃଦ୍ଧି ହେତୁ ଉଭୟ ମନ୍ଦିର ପ୍ରାଙ୍ଗଣରେ ବସୁଥିବା ବହୁତ ଛୋଟ ବଡ଼ ଦୋକାନୀ ସେମାନଙ୍କର ପସରା ମେଲାଇଛନ୍ତି। ସିଂହଟିଆ ଗ୍ରାମରେ ମଧ୍ୟ ବହୁ ପୁରାତନ ମକର ମେଳା ବାବା ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି। କୋଚିଲାଖୁଣ୍ଟା ଦୁଧିଆବଡ଼ାଲରେ ମଧ୍ୟ ଅନୁରୂପ ମକର ସଂକ୍ରାନ୍ତି ପାଳନ ହୋଇଛି। ସେହିପରି ମାଣତ୍ରୀ ଐତିହାସିକ ଗଡ଼ରେ ପୂଜା ପାଉଥିବା ମା' ଗଡ଼ଚଣ୍ଡୀଙ୍କ ପୀଠରେ ମକର ସଂକ୍ରାନ୍ତି ଅବସରରେ ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି ।



### ଆଜିଠୁ ଆଦିବାସୀ ସମ୍ପ୍ରଦାୟର 'ଦାମୋଦର ଯାତ୍ରା'

# ତ୍ରିବେଣୀ ସଙ୍ଗମରେ ହେବ ପିତୃପୁରୁଷଙ୍କ ଅସ୍ଥି ବିସର୍ଜନ

**ବାରିପଦା, ୧୬ ।୧(ସମିସ)**



ଆଜିଠାରୁ ମୟୂରଭଞ୍ଜ ଜିଲ୍ଲାରେ ଆଦିବାସୀ ସମ୍ପ୍ରଦାୟର ନିଆରା ପରମ୍ପରା ଦାମୋଦର ଯାତ୍ରା ଆରମ୍ଭ ହେଉଛି । ଏହି ଯାତ୍ରାରେ ପିତୃପୁରୁଷଙ୍କ ସ୍ମୃତିରେ ଲକ୍ଷ ଲକ୍ଷ ଲୋକ ଏକତ୍ରିତ ହୋଇ ତ୍ରିବେଣୀ ସଂଗମରେ ସାମୂହିକଭାବେ ଅସ୍ଥି ବିସର୍ଜନ କରିଥାନ୍ତି । ସୁନାମୁହିଁର ବାରୁଣି ଘାଟ ସ୍ଥିତ ଜରାଳୀ, ସରାଳୀ ଓ ବୁଢ଼ାବଳଙ୍ଗ ନଦୀର ମିଳନସ୍ଥଳ ତ୍ରିବେଣୀ ସଙ୍ଗମ ଘାଟରେ ଏହି ଯାତ୍ରା ବୁଧବାରଠାରୁ ଆରମ୍ଭ ହୋଇ ୩ ଦିନ ଧରି ଚାଲିବ । ଫଳରେ ଏହାକୁ ନେଇ ଜିଲ୍ଲା ଚଳଚଞ୍ଚଳ ହୋଇଛି । ଆଦିବାସୀ ସମ୍ପ୍ରଦାୟର ଲୋକେ ପିତୃପୁରୁଷଙ୍କ ଅସ୍ଥି ବିସର୍ଜନ ସହ ତିଳତର୍ପଣ କରି ଆତ୍ମାର ମୋକ୍ଷ କାମନା କରିଛନ୍ତି । ପ୍ରଥା ଅନୁଯାୟୀ, ଆଦିବାସୀ ସମ୍ପ୍ରଦାୟର ବର୍ଷକ ମଧ୍ୟରେ କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ହେଲେ ଶ୍ମଶାନରୁ ଅସ୍ଥି ସଂଗୃହୀତ କରାଯାଇ ଘର ନିକଟର କୌଣସି ଏକ କ୍ଷୀର ଝରୁଥିବା ଗଛ ମୂଳରେ ସାଇତି ରଖାଯାଇଥାଏ । ଦାମୋଦର ଦିନ ଉକ୍ତ ଅସ୍ଥିକୁ ମୁଖାଗ୍ନି ଦେଇଥିବା ବ୍ୟକ୍ତି ଓ ଗ୍ରାମବାସୀ ମିଳିତ ହୋଇ ଗଛମୂଳରେ ନିଆଁ ଜାଳି ନୂଆ ଧଳା ଲୁଗାରେ ଗୁଡାଇ ଗ୍ରାମ ବାହାରର ଏକ ଛକି ସ୍ଥାନକୁ ଆଣଥାନ୍ତି । ତିନିଟି କେନ୍ଦୁଡାଳକୁ ଛକି ସ୍ଥାନରେ ପୋତିବା ପରେ ଏକ ଛୋଟ କଳସୀ ରଖାଯାଏ । ହଳଦୀପାଣି ଓ ହାଣ୍ଡିଆରୁ ପ୍ରସ୍ତୁତ ରଶି ଦ୍ୱାରା ଅସ୍ଥିକୁ ସେଠାରେ ପୂଜାର୍ଚ୍ଚନା କରାଯିବା ପରେ ଆତ୍ମୀୟସ୍ୱଜନ ଓ ଗ୍ରାମବାସୀ ପଇସା ଦାନ ଦେଇଥାନ୍ତି । ମୁଖାଗ୍ନି ଦେଇଥିବା ବ୍ୟକ୍ତି ୩ ଥର ଅସ୍ଥି ଚାରିପଟେ ବୁଲିବା ପରେ ବାମହାତରେ କେନ୍ଦୁଡାଳ ଧରି କଳସୀଟି ଭାଙ୍ଗିଥାନ୍ତି ଓ ଅସ୍ଥିକୁ ଧରି ଆତ୍ମୀୟସ୍ୱଜନ ଓ ଗ୍ରାମବାସୀଙ୍କ ସହ ଅସ୍ଥି ବିସର୍ଜନ ପାଇଁ ଦାମୋଦର ଘାଟରେ ଏକତ୍ରିତ ହୋଇଥାନ୍ତି । ମେଳାରେ ଲଣ୍ଡା ହୋଇ ନଦୀରେ ସ୍ନାନକରି ହାତରେ ବାଲିବେଦୀ କରି ଅସ୍ଥି ସ୍ଥାପନ କରି ପଞ୍ଚମୁନୀ ଭୋଗ ଲଗାଇ ଅସ୍ଥି ବିସର୍ଜନ କରନ୍ତି । ଏହି ସମୟରେ ନୂଆଲୁଗା ବଦଳରେ କୁକୁଡା କିମ୍ବା ଛେଳି ଦାନ ଆକାରରେ ମିଳିଥାଏ । ଘରକୁ ପ୍ରତ୍ୟାବର୍ତ୍ତନ କରି ଗ୍ରାମର ପ୍ରବେଶ ପଥରେ ଦାନ ପାଇଥିବା କୁକୁଡା ବା ଛେଳିକୁ ବଳି ଦେବା ସହ ହାଣ୍ଡିଆ ପୂଜା କରିଥାନ୍ତି ।

## ମକର ପର୍ବ ଧୁମ୍‌ଧାମରେ ଆରମ୍ଭ

**ବଡ଼ସାହି, ୧୬।୧(ସମିସ):** ଗଣପର୍ବ ମକର ପାଇଁ ଗାଁରୁ ସହର ପର୍ଯ୍ୟନ୍ତ ଧୂମଧାମରେ ଆରମ୍ଭ ହୋଇଛି । ବିଭିନ୍ନ ଧାର୍ମିକ ପୀଠରେ ମଧ୍ୟ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଛି । ଆବାଳ ବୃଦ୍ଧ ବନିତା ବଡ଼ିଭୋରୁ ସ୍ନାନ ସାରି ନୂଆବସ୍ତ୍ର ପରିଧାନ କରି ଠାକୁରଙ୍କ ନିକଟରେ ମକର ଚାଉଳ ଭୋଗ ଅର୍ପଣ କରି ପୂଜାର୍ଚ୍ଚନା କରିଛନ୍ତି । ଆରୁଆ ଚାଉଳ, ପାଚିଲା କଦଳୀ, ଆଖୁ, ଗୁଡ଼, ଚିନିଆଳୁ, କନ୍ଦମୂଳ, ନଡ଼ିଆ, ସେଓ, ଡ଼ାଳିମ୍ବ ଓ ଅଙ୍ଗୁର ମିଶ୍ରିତ ଭୋଗ ପରସ୍ପର ମଧ୍ୟରେ ଆଦାନପ୍ରଦାନ କରି ପ୍ରସାଦ ସେବନ କରିଛନ୍ତି । ପ୍ରତି ଘରେ ବନ୍ଧୁବାନ୍ଧବଙ୍କ ଗହଳି ଲାଗିଛି । ଜିଲ୍ଲା ତଥା ବାହାରେ ରହୁଥିବା ଲୋକେ ମଧ୍ୟ ଏହି ପର୍ବରେ ଗାଁମୁହାଁ ହୋଇଛନ୍ତି । ଗାଁକୁ ଫେରି ପରିବାର ଓ ବନ୍ଧୁବାନ୍ଧବଙ୍କ ସହ ପର୍ବର ମଜା ଉଠାଉଛନ୍ତି । ସୁସ୍ୱାଦ ବ୍ୟଞ୍ଜନ ପ୍ରସ୍ତୁତି ସହିତ ମାଛ, ମାଂସ, ପିଠାପଣା ଇତ୍ୟାଦିରେ ଗାଁଦାଣ୍ଡ ମହକୁଛି । ମକର ପୂର୍ବ ଦିନ ଚାଷୀ ହଳ, ଲଙ୍ଗଳ, ଗଉଣୀ, ସେରକୁ ଖଳାରେ ରଖି ପୂଜା କରିଛି । ଛୋଟ ଛୋଟ ପିଲାମାନେ ବଡ଼ି ଭୋରରୁ ଗାଧୋଇ ମକର ନିଆଁ ଜଳାଉଛନ୍ତି । କୁଡୁମୀ ସମ୍ପ୍ରଦାୟର ଯୁବତୀମାନେ ଟୁସୁ ଦେବୀଙ୍କ ପୂଜାର୍ଚ୍ଚନା କରିଛନ୍ତି । ବିଧି ଅନୁସାରେ ପ୍ରତ୍ୟେକ ଦଳରେ ୪ଜଣ ଅବିବାହିତ ଝିଅ ଟୁସୁଦେବୀଙ୍କ ପ୍ରତିମୂର୍ତ୍ତି ନିଟକରେ ପୌରାଣିକ ଗାଥା ଉପରେ ଆଧାରିତ ବିଭିନ୍ନ ପ୍ରକାର ଗୀତ ଗାଇବା ପରେ ଟୁସୁଦେବୀଙ୍କୁ ଘରକୁ ନେଇ ସ୍ୱତନ୍ତ୍ର ସ୍ଥାନରେ ରଖିଥିଲେ । ରାତିରେ ମକର ଚାଉଳ ତଥା ପିଠାପଣା ଆଦି ଟୁସୁଦେବୀଙ୍କ ସମର୍ପଣ କରି ଆରାଧନା କରିବା ସହିତ ସାରାରାତ୍ରି ଅନିଦ୍ରା ହୋଇ ପାରମ୍ପରିକ ଗୀତ ଓ ନୃତ୍ୟରେ ମସଗୁଲ ରହିଛନ୍ତି । ରାତ୍ରିର ଚତୁର୍ଥ ପ୍ରହରରେ ମକର ପର୍ବକୁ ସ୍ୱାଗତ କରିଛନ୍ତି । ଆଦିବାସୀ ଯୁବକ ଯୁବତୀମାନେ କାନ୍ଧକୁ କାନ୍ଧ ମିଶାଇ ମାଦଳର ତାଳେ ତାଳେ ନାଚଗୀତ ଆସର ସର୍ବତ୍ର ଦେଖିବାକୁ ମିଳିଛି । ଏହି ସମୟରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ମକର ମେଳା, କ୍ରୀଡ଼ା ପ୍ରତିଯୋଗିତା ଓ କୁକୁଡ଼ା ଲଢେଇ ଆଦି ଅନୁଷ୍ଠିତ ହୋଇଛି ।

## ମା' ଦ୍ୱାରିକା ପୀଠରେ ଚାଙ୍ଗୁ ନୃତ୍ୟ ପରିବେଷଣ



**ଠାକୁରମୁଣ୍ଡା, ୧୬।୧(ସମିସ):** ମକର ସଂକ୍ରାନ୍ତି ଅବସରରେ ମୟୁରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ବ୍ଲକ ଭରାଣ୍ଡିହା ପଞ୍ଚାୟତ ନିଶ୍ଚିନ୍ତପୁର ଗ୍ରାମରେ ଥିବା ଯମଦ୍ୱାର ଘାଟିର ମା' ଦ୍ୱାରିକାଶୁଣୀଙ୍କ ପୀଠରେ ପାରମ୍ପରିକ ଚାଙ୍ଗୁ ନୃତ୍ୟ ପରିବେଷଣ ହୋଇଥିଲା । ମକର ସଂକ୍ରାନ୍ତି ପରଦିନଠାରୁ ୩ ଦିନ ଧରି ମେଳା ଅବସରରେ ଲୋକେ ଏହି ପୀଠରେ ପୂଜାର୍ଚ୍ଚନା କରିବା ସହିତ ଚାଙ୍ଗୁ ନୃତ୍ୟ ଉପଭୋଗ କରିଥାନ୍ତି । ଆଦିବାସୀ (ବାଥୁଡି) ସମ୍ପ୍ରଦାୟର ପାରମ୍ପରିକ ବାଦ୍ୟ ଚାଙ୍ଗୁ ପରିବେଷଣ ପାଇଁ ବିଭିନ୍ନ ଗ୍ରାମରୁ ଚାଙ୍ଗୁ ଦଳ ଆସି ନୃତ୍ୟ ପରିବେଷଣ କରିଥିଲେ । ଚାଙ୍ଗୁ ନୃତ୍ୟ ଦେଖିବାକୁ ଜନସମାଗମ ହୋଇଥିଲା । ଏହି ମେଳା ଏଠାରେ ୩୦ ବର୍ଷ ଧରି ଅନୁଷ୍ଠିତ ହୋଇଆସୁଛି । ପୂଜକ ଭାଗିରଥି ନାଏକ, କୀର୍ତ୍ତନ ନାଏକ ପୂଜା କରିଥିଲେ ।

## ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିର



**କରଞ୍ଜିଆ, ୧୬।୧(ସମିସ):** ପାଞ୍ଚପୀଢ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଓ ଏସ. ପି. ଏସ. ସୁଶ୍ରୀ ଆଜି ଜନଅଭିଯୋଗର ଶୁଣାଣି କରିଛନ୍ତି । ମକର ମେଳା ଉପଲକ୍ଷେ ଅଞ୍ଚଳବାସୀ ବ୍ୟସ୍ତଥିବାରୁ ଶିବିରରେ ୪୦ଟି ଅଭିଯୋଗର ଶୁଣାଣି ହୋଇଥିଲା । ସେଥିରୁ ୭ଟି ଅଭିଯୋଗ ଗୋଷ୍ଠୀଗତ ଥିଲା । ବିଶେଷକରି ଦେଓ ନଦୀବନ୍ଧରେ ବିସ୍ଥାପିତ ହୋଇଥିବା କିଛି ହାତୀବାରୀ ଅଞ୍ଚଳର ଲୋକ ସେମାନଙ୍କ କ୍ଷତିପୂରଣ ରାଶି ପାଇ ନ ଥିବାରୁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ । ଏହାବ୍ୟତୀତ ବିଭିନ୍ନ ଲ୍ୟାମ୍ପ୍ସରେ ଧାନକିଣା ନେଇ ଚାଷୀଙ୍କୁ ବିଭିନ୍ନ ଉପାୟରେ ଶୋଷଣ ହେଉଥିବା ନେଇ ଅଭିଯୋଗ କରାଯାଇଥିଲା । ଶିବିରରେ ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦ, ଏସଡିପିଓ ସୁବ୍ରତ କୁମାର, ସମସ୍ତ ବିଡିଓ, ତହସିଲଦାର, ସିଡ଼ିପିଓ ଓ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ ।

## ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ଖୁଣ୍ଟି, ୧୬।୧(ସମିସ):** ଶୁକୁଳି ବ୍ଲକ ଅନ୍ତର୍ଗତ କୁମ୍ଭିର୍ଦା କୀଚକେଶ୍ୱରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଦୁଇଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡା ଉଦ୍‌ଯାପିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଶୁଭେନ୍ଦୁ କୁମାର ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ କ୍ରୀଡା ଉତ୍ସବରେ ପୂର୍ବତନ ପ୍ରଧାନ ଶିକ୍ଷକ ହାଡିବନ୍ଧୁ ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କୃତୀ କ୍ରୀଡ଼ାବିତଙ୍କୁ ପୁରସ୍କାର ବିତରଣ କରିଥିଲେ । କ୍ରୀଡା ଶିକ୍ଷକ ମହେନ୍ଦ୍ର ନାଥ ମହାନ୍ତ ପ୍ରତିଯୋଗିତା ପରିଚାଳନା କରିଥିବାବେଳେ ଶିକ୍ଷକ ମୁକ୍ତିକାନ୍ତ ବଳ, ଯୁଗଳ କିଶୋର ମହାନ୍ତ, ଶିକ୍ଷୟତ୍ରୀ ରୋମି ଟୁଡୁ ଓ ଦେବଯାନୀ ନାଏକ ପ୍ରମୁଖ ସହଯୋଗ କରିଥିଲେ ।


## ମଣ୍ଡିରେ କଟ୍‌ନୀ ଛଟ୍‌ନୀ ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ

**କରଞ୍ଜିଆ, ୧୬।୧(ସମିସ):** କରଞ୍ଜିଆ ବ୍ଲକ ଅନ୍ତର୍ଗତ ବିଭିନ୍ନ ଲ୍ୟାମ୍ପସରେ ଚାଷୀଙ୍କୁ ବିଭିନ୍ନ ଆଳ ଦେଖାଇ ଶୋଷଣ କରାଯାଉଥିବା ନେଇ ଆଜି ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣିରେ ଚାଷୀମାନେ ଅଭିଯୋଗ କରିଛନ୍ତି । ବ୍ଲକର ଚିତ୍ରପଶି ପଞ୍ଚାୟତ ମୁର୍ଗାପାଟ ଗ୍ରାମର ତରଣୀକାନ୍ତ ପାତ୍ର ଜିଲ୍ଲାପାଳଙ୍କୁ ଭେଟି ଏକ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି । ଶ୍ରୀ ପାତ୍ର ଅଭିଯୋଗରେ ଦର୍ଶାଇଛନ୍ତି ଯେ, ମିଲରମାନେ ଚାଷୀଙ୍କୁ ଧାନ ବସ୍ତା ବାବଦରେ ବସ୍ତାର ମୂଲ୍ୟ ପ୍ରଦାନ କରିବା କଥା; କିନ୍ତୁ ଚାଷୀମାନେ ମଣ୍ଡିରେ ଧାନ ପହଞ୍ଚାଇଲେ ମିଲରମାନେ ଧରାଛୁଆଁ ଦେଉନାହାନ୍ତି । ଫଳରେ ଚାଷୀ ବସ୍ତା ପିଛା ୫୦ ଟଙ୍କା ଲେଖାଏ ଖର୍ଚ୍ଚାନ୍ତ ହେବାକୁ ପଡୁଛି । ସେହିପରି ଚାଷୀମାନେ ଏଫ୍‌କ୍ୟୁ ମାନର ଭଲ କିସମର ଧାନ ଆଣିଲେ ମଧ୍ୟ ତାହାକୁ ଯାଞ୍ଚ ନକରି ନିମ୍ନମାନର ଦର୍ଶାଇ କ୍ୱିଣ୍ଟାଲ ପିଛା ୬/୭ ଭାଗ ଧାନ କାଟି ଦିଆଯାଉଥିବା ନେଇ ଅଭିଯୋଗ କରିଛନ୍ତି । ଏପରିକି ଚାଷୀମାନେ ଟ୍ରାକ୍ଟରରେ ଧାନ ଲୋଡ କରୁଛନ୍ତି । କିନ୍ତୁ ଚାଷୀଙ୍କୁ କୌଣସି ପାରିଶ୍ରମିକ ମିଳୁନାହିଁ ବୋଲି ସେ ଦର୍ଶାଇଛନ୍ତି । ତେଣୁ ଏହାର ପ୍ରତିକାର ପାଇଁ ଚାଷୀମାନେ ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହୋଇଛନ୍ତି ।

### ଦଳଭର୍ତ୍ତି କୃଷ୍ଣସାଗର ପୋଖରୀ

## ପ୍ରଶାସନିକ ଅବହେଳାରୁ ହେଉନି ପୁନରୁଦ୍ଧାର

**କୁଆମରା, ୧୬।୧(ସମିସ):** ଗୋପବନ୍ଧୁ ନଗର ବ୍ଲକ କୁଆମରା-ଚିଲିମା ଗ୍ରାମର ମଧ୍ୟସ୍ଥଳରେ ରାଜରାଜୁଡା ଅମଳରୁ ୪ ଏକରର ବିଶିଷ୍ଟ କୃଷ୍ଣସାଗର ଜଳାଶୟ ରହିଛି । ଏହାର ଗଭୀର ପ୍ରାୟ ୨୦ ଫୁଟରୁ ଅଧିକ । ଏହି ଜଳାଶୟରେ ଗ୍ରାମବାସୀ ସ୍ନାନ କର୍ମ ଓ ବିଭିନ୍ନ ମାଙ୍ଗଳିକ କାର୍ଯ୍ୟରେ ପୂଜା ପାଠ କରି ଜଳକୁ ନେଇଥାନ୍ତି ପୂଜା ମଣ୍ଡପକୁ । ଏହି ପୋଖରୀ କୃଷ୍ଣ ସାଗର ନାମରେ ଖଣ୍ଡ ମଣ୍ଡଳରେ ଏହାର ସ୍ୱତନ୍ତ୍ର ପରିଚୟ ରହିଛି । ମାତ୍ର ପ୍ରଶାସନ ଓ ପଞ୍ଚାୟତର ଅଣଦେଖା ଓ ଅବହେଳାରୁ ପୋଖରୀର ପୁନରୁଦ୍ଧାର ହେଉ ନ ଥିବାରୁ ସୌନ୍ଦର୍ଯ୍ୟ ନଷ୍ଟ ହେବା ସହିତ କ୍ରମଶଃ ପୋତି ହେବାରେ ଲାଗିଛି । ପୋଖରୀରେ ଦଳ ଭର୍ତ୍ତି ହୋଇରହିଛି ଏବଂ ପଙ୍କୋଦ୍ଧାର ମଧ୍ୟ ହେଉନି । ବିଶେଷ କରି କୁଆମରା, ଚିଲିକା ଓ ଆଗରପଡ଼ା ଗ୍ରାମର ଲୋକେ ଏହି ପୋଖରୀ ଉପରେ ନିର୍ଭର କରନ୍ତି । କେନ୍ଦ୍ର ସରକାର ସ୍ୱଚ୍ଛ ଭାରତ ଅଭିଯାନ ନାମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ଗଙ୍ଗା ନଦୀର ଜଳକୁ ସ୍ୱଚ୍ଛ କରିବା ପାଇଁ ସରକାରଙ୍କ ପକ୍ଷରୁ ପ୍ରୟାସ ଜାରି ରହିଛି । ମାତ୍ର ସ୍ୱତନ୍ତ୍ର ପରିଚୟ ରଖିଥିବା ଏହି ଅଞ୍ଚଳର କୃଷ୍ଣ ସାଗରର ପାଣି ଏବେ ଜହର ପାଲଟିଲାଣି । ଜଳାଶୟ ଆବର୍ଜନା କୁଣ୍ଡ ପାଲଟିବା ଯୋଗୁଁ ଏଥିରେ ସ୍ନାନ କଲେ ବିଭିନ୍ନ ଚର୍ମ ରୋଗରେ ଲୋକେ ଆକ୍ରାନ୍ତ ହେଉଛନ୍ତି । ଦୀର୍ଘ ବର୍ଷ ଧରି ପରିତ୍ୟକ୍ତ ଅବସ୍ଥାରେ ପଡ଼ିବା ଯୋଗୁଁ ବ୍ୟବହାର ଉପଯୋଗୀ ହୋଇପାରୁନାହିଁ । ଏହି ପୋଖରୀର ତଳୁଆ ଅଞ୍ଚଳରେ ୫ ହେକ୍ଟରରୁ ଅଧିକ ଚାଷ ଜମି ରହିଛି । ଯାହା ଏହାର ପାଣିକୁ ନେଇ ଖରିଫ ଓ ରବି ଋତୁରେ ଚାଷ କରିବାରେ ସହାୟକ ହୋଇଥାଏ । ମାତ୍ର ଏହି ଜଳାଶୟ ପୋତି ହୋଇଯିବାରୁ ପାଣି ମଧ୍ୟ ସଂରକ୍ଷିତଭାବେ ରଖାଯାଇପାରୁନାହିଁ । ଫଳରେ ଚାଷ ସମୟରେ ପାଣି ଅଭାବରୁ ଚାଷୀ ମରୁଡ଼ିର ସମ୍ମୁଖୀନ ହେବାକୁ ପଡ଼ିଥାଏ । ଦଳ ଭର୍ତ୍ତି ହୋଇ ରହିବା ଯୋଗୁଁ ଗାଧୋଇବା ସହ କ୍ରିୟା କର୍ମ ହୋଇପାରୁନାହିଁ । ପୂର୍ବ ଅପେକ୍ଷା ମାଛ ଚାଷରେ ମଧ୍ୟ ଚାଷୀ ଲାଭ ପାଉନାହିଁ । ତେଣୁ ଏହି ପୋଖରୀ ପୁନରୁଦ୍ଧାରେ ହେଲେ ଶ୍ରମିକମାନେ ନିଯୁକ୍ତି ପାଇବା ସହ କୃଷକ ଓ ମାଛ ଚାଷୀ ଉପକୃତ ହୋଇପାରନ୍ତେ ବୋଲି ଗ୍ରାମବାସୀ ଦାବି ଜଣାଇଛନ୍ତି ।



## ରାମତୀର୍ଥ ଉତ୍ସବମୁଖର; କୁଡୁମୀ ସମ୍ପ୍ରଦାୟର ଟୁସୁ ମହାମିଳନ

ଯଶିପୁର, ୧୬।୧ (ସମିସ): ମକର ମେଳା ଉପଲକ୍ଷେ ସମଗ୍ର ମୟୂରଭଞ୍ଜ ଜିଲ୍ଲାର ଗାଁଗହଳି ଉତ୍ସବ ମୁଖର ହୋଇଉଠିଛି । ଆଜି ମକର ଉପଲକ୍ଷେ ଯଶିପୁର ନିକଟ ରାମତୀର୍ଥଠାରେ ବଡିରୁ ସହସ୍ରାଧିକ ଶ୍ରଦ୍ଧାଳୁ ଭଣ୍ଡନ ନଦୀରେ ବୁଡ଼ ପକାଇଥିଲେ । ମହାନ୍ତ ବା କୁଡୁମୀ ସମ୍ପ୍ରଦାୟର ଲୋକେ ଏହି ପର୍ବରେ ଟୁସୁ ପ୍ରତିମାକୁ ନାଚଗୀତ ମାଧ୍ୟମରେ ଆଣି ନଦୀରେ ବିସର୍ଜନ କରିଥାଆନ୍ତି । କିମ୍ବଦନ୍ତୀ ଅନୁସାରେ, ଜଣେ ମୁସଲମାନ ରାଜା ଟୁସୁ ନାମ୍ନୀ ବାଳିକାକୁ ଅସଦାଚରଣ କରିବାକୁ ଉଦ୍ୟମ କରୁଥିବାବେଳେ ଟୁସୁ ନିଜର ଇଜ୍ଜତକୁ ବଞ୍ଚାଇବା ପାଇଁ ନଦୀରେ ଝାସ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ଯଶିପୁର ନିକଟ ରାମତୀର୍ଥରେ ମକର ମେଳା ପାଇଁ ଅଞ୍ଚଳଟି ଉତ୍ସବ ମୁଖର ହେବା ସହିତ ଟୁସୁ ମହାମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । ଏହି ଉତ୍ସବରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ବଡ଼ ବଡ଼ ଟୁସୁ ପ୍ରତିମା ସହିତ ରଙ୍ଗବେରଙ୍ଗ ଆଲୋକ ସଜ୍ଜା ଓ ଝୁମର ଗୀତ ସହିତ ମାଦଳର ତାଳେ ତାଳେ ବିଭିନ୍ନ କମିଟିର ନୃତ୍ୟ ହଜାର ହଜାର ଦର୍ଶକଙ୍କୁ ଆକୃଷ୍ଟ କରିଥିଲା । ରାମତୀର୍ଥର ନାମକରଣ ପଛରେ ଏକ ପୌରାଣିକ କିମ୍ବଦନ୍ତୀ ରହିଛି । ବନବାସ ଯିବା ସମୟରେ ରାମ, ଲକ୍ଷ୍ମଣ ଓ ଦେବୀ ସୀତା ଏହି ଜାଗାରେ ବିଶ୍ରାମ ନେଇଥିଲେ । ପଥର ଉପରେ ରାମଚନ୍ଦ୍ରଙ୍କ ପାଦଚିହ୍ନ ରହିଥିବାର ଆଜି ବି ଦେଖିବାକୁ ମିଳେ । ଏହି ଅବସରରେ ବିଭିନ୍ନ ଟୁସୁ ପ୍ରତିମାଗୁଡିକୁ କମିଟି ପକ୍ଷରୁ ପୁରସ୍କୃତ କରାଯାଇଥିଲା । ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ଗଣେଶ ରାମ ସିଂ ଖୁଣ୍ଟିଆ, ସମ୍ମାନିତ ଅତିଥି ଭାବେ ଚକ୍ରଧର ହେମ୍ବ୍ରମ, ବିଡ଼ିଓ ସତ୍ୟାନନ୍ଦ ଦାଶ, ଭୂମିଜ ସମାଜର ଆଡ଼ଭାଇଜର ରବି ସିଂ, ମହିଳା ସଭାନେତ୍ରୀ ବିଜୟଲକ୍ଷ୍ମୀ ମହାନ୍ତ, ବିଜେପି ସଭାପତି କୃପାସିନ୍ଧୁ ମହାନ୍ତ ପ୍ରମୁଖ ଉପସ୍ଥିତ ରହି କୃତୀ ଟିମଗୁଡିକୁ ପୁରସ୍କୃତ କରିଥିଲେ ।



## ଇଭିଏମ ମେସିନ ଉଦ୍‌ଘାଟିତ

**କରଞ୍ଜିଆ, ୧୬।୧(ସମିସ):** ମଙ୍ଗଳବାର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଇଭିଏମ୍ ମେସିନ ଉଦଘାଟିତ ହୋଇଯାଇଛି । ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଏହାକୁ ଉଦଘାଟନ କରିଛନ୍ତି । ଇଭିଏମ୍ ମେସିନ ସମ୍ପର୍କରେ ଭୋଟଦାତାଙ୍କୁ ସଚେତନ ନିମନ୍ତେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ମେସିନ କିପରି କାର୍ଯ୍ୟକାରୀ କରାଯିବ ସେ ନେଇ ପ୍ରଦର୍ଶିତ କରାଯିବା ସହିତ ଅଧିକ ସଚେତନ ପାଇଁ ସେଲଫି ଫଟୋ ବ୍ୟବସ୍ଥା ଲୋକଙ୍କ ଭିତରେ ଆଗ୍ରହ ସୃଷ୍ଟି କରିଥିଲା । ଏହି କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

## କୂଅରୁ ନାବାଳିକାଙ୍କ ମୃତଦେହ ଉଦ୍ଧାର

**କଳାବାଡିଆ, ୧୬ ।୧(ସମିସ):** ବାଙ୍ଗିରିପୋଷି ଥାନା ବୁଢୀଖମାରୀ ପଞ୍ଚାୟତ ଅଧୀନ ମସିଣାବିଲ୍ଲା ଗ୍ରାମର ସାଲଖାନ ହାଁସଦାଙ୍କ ଝିଅ ଦୁଆରୀ (୧୬)ଙ୍କ ମୃତଦେହ ଏକ କୂଅ ଭିତରୁ ଉଦ୍ଧାର କରାଯାଇଛି । ପାଣିକାଢୁଥିବାବେଳେ ତାଙ୍କର ଗୋଡ଼ ଖସିଯିବାରୁ ସେ କୂଅରେ ପଡ଼ିଯାଇଥିଲେ । ଦୀର୍ଘ ସମୟ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି କୂଅରେ ପଡ଼ିଥିବା ଦେଖିବାକୁ ପାଇଥିଲେ । ପରେ ଦମକଳ ବାହିନୀ ଓ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତ ଅବସ୍ଥାରେ ନାବାଳିକାଙ୍କୁ ଉଦ୍ଧାର କରିଥିଲେ । ବାଙ୍ଗିରିପୋଷି ଥାନା ଅଧିକାରୀ ରୋଜାଲିନ ବେହେରା ପହଞ୍ଚି ତଦନ୍ତ କରିଛନ୍ତି । ବୁଧବାର ଶବ ବ୍ୟବଚ୍ଛେଦ କରାଯିବ ବୋଲି ସେ କହିଛନ୍ତି ।

## ସମ୍ଭାଗ କ୍ରୀଡ଼ା ପ୍ରତିଯୋଗିତା

**ରାଇରଙ୍ଗପୁର, ୧୬ ।୧(ସମିସ):** କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲ୍ଲା ଅଞ୍ଚଳକୁ ନେଇ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ୫ମ ସମ୍ଭାଗ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିରୂପେ ଶିକ୍ଷକ ଧର୍ମପଦ ମହାନ୍ତ, ସମ୍ମାନିତ ଅତିଥି ରୂପେ ଦିଗାମ୍ବର ଦ୍ୱାରୀ, କ୍ଷେତ୍ରମୋହନ ଦାସ ଏବଂ ମୁଖ୍ୟବକ୍ତା ରୂପେ ଗଙ୍ଗାଧର କର, ଉତ୍ତର ସମ୍ଭାଗ ସମ୍ପାଦକ, ଶିକ୍ଷା ବିକାଶ ସମିତି ଓଡ଼ିଶା ଯୋଗ ଦେଇଥିଲେ । ତାଙ୍କ ସହିତ ବିଦ୍ୟାଳୟ ସଭାପତି ସଞ୍ଜୀୟ କୁମାର ମହାନ୍ତ ଉପସ୍ଥିତ ଥିଲେ । ଏହା ପରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ ।

## ଆଦିବାସୀ ବଜାର ଉଦ୍‌ଘାଟିତ

**କରଞ୍ଜିଆ, ୧୬।୧(ସମିସ):** କରଞ୍ଜିଆ ସହରରେ ଥିବା ଆଇଟିଡିଏ ଟ୍ରାଇବଲ ମାର୍ଟକୁ ଆଜି ଜିଲ୍ଲାପାଳ ଭିନୀତ ଭରଦ୍ୱାଜଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ଏହି ବଜାର ଦ୍ୱାରା ଗ୍ରାମାଞ୍ଚଳର ଆଦିବାସୀ ମହିଳା ଜଙ୍ଗଲଜାତ ଦ୍ରବ୍ୟରୁ ପ୍ରସ୍ତୁତ କରୁଥିବା ସାମଗ୍ରୀ ସହରରେ ବିକ୍ରି କରିପାରିବେ । ଏହି ବଜାରରେ ସମସ୍ତ ପ୍ରକାର ଜଙ୍ଗଲଜାତ ଦ୍ରବ୍ୟ ମହୁ, ଝୁଣା, ପାଲୁଓ, ହଳଦୀ ଆଦି ବିକ୍ରି କରି ଆଦିବାସୀ ମହିଳା ସହିତ ସମସ୍ତେ ଉପକୃତ ହେବେ । ଉଦଘାଟନ ଉତ୍ସବରେ କରଞ୍ଜିଆ ପିଏ ଆଇଟିଡିଏ ଦେବଯାନୀ ଭୂୟାଁ, ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦ, ମ୍ୟାନେଜର ବିଶ୍ୱନାଥ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।



## ଐତିହାସିକ ଚାକଦର ଟୁସୁ ପରବ ପାଳିତ

**ରାଇରଙ୍ଗପୁର, ୧୬ ।୧(ସମିସ):** କଳା ସଂସ୍କୃତିର ମାଟି ମୟୂରଭଞ୍ଜ ଜିଲ୍ଲାର ଗଣ ପରବ ହେଉଛି ମକର ପରବ । ମକର ପରବକୁ ମୟୂରଭଞ୍ଜ ଜିଲ୍ଲାବାସୀ ଖୁବ୍ ଧୁମଧାମ ରେ ପାଳନ କରିଥାନ୍ତି । ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ମକର ପରବରେ ଲୋକେ ନୂଆ ପୋଷାକ ପରିଧାନ କରିବା ସହିତ ଘରେ ଘରେ ମକର ପିଠା ପଣାର ଆୟୋଜନ କରିଥାନ୍ତି । ମକର ପରବର ସଂକ୍ରାନ୍ତି ଠାରୁ ଭିଭିନ୍ନ ନଦୀତଟ, ଜଳାଶୟରେ ଟୁସୁ ମେଳା ଆରମ୍ଭ ହୋଇଛି । ସେହିପରି ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ବ୍ଲକ ଅନ୍ତର୍ଗତ ହଳଦା ଗ୍ରାମପଞ୍ଚାୟତ ଚାକଦର ଟୁସୁ ମେଳା ଅନ୍ୟତମ । ଏହି ମେଳା ପ୍ରତ୍ୟେକ ବର୍ଗର ଲୋକଙ୍କ ପାଖରେ ପ୍ରିୟ ହୋଇପାରିଛି । ଚାକଦର ଟୁସୁ ମେଳା ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ୍ୟ ଅନୁଷ୍ଠିତ ହୋଇଯାଇଛି । ମେଳାରେ ବିଭିନ୍ନ ଅଞ୍ଚଳରୁ ଛଟ୍ ଓ ବଡ଼ ଟୁସୁ ଗୁଡିକର ସମାଗମ ହୋଇଥିଲା । ଟୁସୁ ଦଳ ପ୍ରତିଯୋଗିତାରେ ଶ୍ରେଷ୍ଠ ଟୁସୁ ଦଳକୁ କମିଟି ପକ୍ଷରୁ ପୁରସ୍କୃତ କରାଯାଇଥିଲା । ଚଳିତ ବର୍ଷ ଚାକଦର ଟୁସୁ ମେଳାରେ ପ୍ରଥମ, ଗୋପୀନାଥପୁର ଦ୍ୱିତୀୟ ଏବଂ ଡାହାଣୀମାରି ଗାଁ ଟୁସୁ ଦଳ ତୃତୀୟ ସ୍ଥାନ ପାଇଛି । ସେହିଭଳି ଅନ୍ୟ ସମସ୍ତ ଟୁସୁ ଦଳଗୁଡିକୁ ସାନ୍ତ୍ୱନା ମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା । ଏଥିରେ ମୁଖ୍ୟଅତିଥିରୂପେ ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡା ଦେବାଶିଷ ମାର୍ଣ୍ଡି, ସମ୍ମାନିତ ଅତିଥି ରାଇରଙ୍ଗପୁର ପୌରପରିଷଦ ଅଧ୍ୟକ୍ଷ ଅଭିଷେକ ପଟ୍ଟନାୟକ ଯୋଗଦେଇଥିଲେ । ସରପଞ୍ଚ ପ୍ରଭାସ ରଞ୍ଜନ ହାଁସଦା, ନାଏବ ସରପଞ୍ଚ ସତ୍ୟବତୀ ମହାନ୍ତ, କମିଟିର ସଭାପତି ସନ୍ତୋଷ କୁମାର ଗୋପ୍, ଉପସଭାପତି ସନ୍ତୋଷ କୁମାର କୈବର୍ତ୍ତ ପ୍ରମୁଖ ଉପସ୍ଥିତ ଥିଲେ ।



### ସରିଲା ଜୟ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା

## ଆଜି ସିଧାପ୍ରସାରଣ; ୨୯ରେ ଶ୍ରଦ୍ଧାଳୁଙ୍କ ପୁରୀ ଗସ୍ତ

**ବଡସାହି, ୧୬।୧(ସମିସ)**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ପାଇଁ ବଡସାହି ବ୍ଲକର ୩୦ଟି ପଞ୍ଚାୟତରେ ବୁଲୁଥିବା ଜଗନ୍ନାଥ ଅର୍ପଣ ରଥ ଉଦ୍‌ଯାପିତ ହୋଇଛି । ବ୍ଲକ ଅଧ୍ୟକ୍ଷା ମିନତୀ ସିଂ, ଉପାଧ୍ୟକ୍ଷ କାଞ୍ଚନ ପ୍ରଧାନ ଓ ବିଡିଓ ଆକାଶ କୁମାର ପଣ୍ଡା ପତାକା ହଲାଇ ଏହି ରଥର ଶୁଭାରମ୍ଭ କରିଛନ୍ତି । ପ୍ରତ୍ୟେକ ପଞ୍ଚାୟତରେ ଏହି ରଥକୁ ବିପୁଳ ସ୍ୱାଗତ କରାଯାଇ ଚାଉଳ, ଗୁଆ ଆଦାୟ କରାଯାଇଥିଲା । ଏହି ସମୟରେ ଶଙ୍ଖ, ଘଣ୍ଟା ସହିତ ଜୟ ଜଗନ୍ନାଥ ଧ୍ୱନିରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା । ବୁଧୁବାର ଏଲଇଡି ମାଧ୍ୟମରେ ବ୍ଲକ ତଥା ସମସ୍ତ ପଞ୍ଚାୟତରେ ପରିକ୍ରମା ପ୍ରକଳ୍ପର ସିଧା ପ୍ରସାରଣ ହେବ । ଆସନ୍ତା ଜାନୁୟାରୀ୨୯ ତାରିଖ ପ୍ରତି ପଞ୍ଚାୟତରୁ ୨୦ ଜଣ ଲେଖାଏଁ ଶ୍ରଦ୍ଧାଳୁ ପୁରୀ ଯିବେ ବୋଲି ସୂଚନା ମିଳିଛି । ଦେଉଳିଆ ପଞ୍ଚାୟତ ଦଧିବାମନ ବୃନ୍ଦାବନ ଚନ୍ଦ୍ର ଜୀଉ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଏହି ରଥ ପହଞ୍ଚିବା ପରେ ସମିତି ସଭ୍ୟ ନିହାର ରଞ୍ଜନ ମହାପାତ୍ର, ସରପଞ୍ଚ ତୁଳସୀ ସିଂ, ପିଇଓ ବରଜୁ ସିଂ, ଜିଆରଏସ ସଞ୍ଜୟ କୁମାର ଦ୍ୱିବେଦୀ ଯୋଗାଣ ସହାୟିକା ସାଗରିକା ଗଜେନ୍ଦ୍ର ମହାପାତ୍ର ପ୍ରମୁଖ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା ପରେ ଏହି ରଥ ଦେଉଳିଆ, ଖଡିଶୋଳଯମୁନା, ନୂଆସାହି, ବଇଁଚା, ପୁରୁଣାପାଣି, ଅଙ୍ଗାରଗଡ଼ିଆ ଆଦି ଗ୍ରାମ ପରିକ୍ରମା କରିଥିଲା ।



ସକାଳ
THE SAKALA

କେନ୍ଦୁଝର
www.sakalaepaper.com

## ନାରୀ ସତୀତ୍ୱ ଓ ସ୍ୱାଭିମାନର ପ୍ରତୀକ ଟୁସୁ ପର୍ବ

# ଶୋଭାଯାତ୍ରାରେ ସାମିଲ ହେଲା ୩୦ରୁ ଊର୍ଦ୍ଧ୍ୱ ପ୍ରତିମା





**କେନ୍ଦୁଝର,୧୬।୧(ସମିସ)**

ମକର ସଂକ୍ରାନ୍ତିକୁ ଆମ ଦେଶର ବିଭିନ୍ନ ପ୍ରାନ୍ତରେ ଭିନ୍ନ ଭିନ୍ନ ପର୍ବ ଭାବରେ ପାଳିତ ହୋଇଥିବା ବେଳେ କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର କୁଡୁମୀ ତଥା ମହନ୍ତ ସଂପ୍ରଦାୟର ନାରୀମାନେ ଏହାକୁ ଟୁସୁ ପର୍ବ ଭାବେ ପାଳନ କରିଥାନ୍ତି। ଲୋକଙ୍କ କହିବା ଅନୁସାରେ ଟୁସୁ କୌଣସି ଠାକୁରାଣୀ ବା ଦେବୀ ନୁହନ୍ତି; ସେ ଜଣେ ନାରୀ। ନାରୀ ଧର୍ମର ପରାକାଷ୍ଠା ବଜାୟ ରଖିଥିବା ଟୁସୁଙ୍କ ସତୀତ୍ୱ ଓ ସ୍ୱାଭିମାନର ପ୍ରତୀକ ଭାବେ କୁଡୁମୀ ତଥା ମହନ୍ତ ସଂପ୍ରଦାୟର ନାରୀମାନେ ବର୍ଷ ବର୍ଷ ଧରି ଏହି ଟୁସୁ ପର୍ବ ପାଳନ କରି ଆସୁଛନ୍ତି। ଟୁସୁ ପର୍ବର ଇତିହାସ କୁହେ ଯେ ଅନିନ୍ଦ୍ୟ ସୁନ୍ଦରୀ ରାଣୀ ପଦ୍ମାବତୀଙ୍କୁ ମୋଗଲ ସମ୍ରାଟଙ୍କ ବିବାହ ଇଚ୍ଛା ବିଫଳ ହେବା ପରେ ତାଙ୍କର ପାତ୍ରମନ୍ତ୍ରୀ ମାନେ ପଦ୍ମାବତୀଙ୍କ ଠାରୁ ଅଧିକ ସୁନ୍ଦରୀ ସ୍ତ୍ରୀ ଖୋଜିବାକୁ ବାହାରି ଥିଲେ। କଟୁଆଳ ବିରବଲ ମହାନ୍ତଙ୍କର ଅପରୂପା ସୁନ୍ଦରୀ ଝିଅ ଟୁସୁମଣୀ (ଟୁସୁ) କୁ ପାଇ ବଳପୂର୍ବକ ନେଇ ଆସୁଥିଲେ। ରାଜନଗରକୁ ଫେରିବା ବାଟରେ ଏକ ନଦୀ ପାର ହେବା ସମୟରେ ଟୁସୁ ବସିଥିବା ଘୋଡ଼ାର ଗତି ଧୀର ହେବାରୁ ସେ ସେହି ନଦୀକୁ ଖାସ ଦେଇ ଆତ୍ମବଳି ଦେଇଥିଲେ ଓ ସତୀତ୍ୱର ପରାକାଷ୍ଠା ଦେଖାଇଥିଲେ। ସେହି ଦିନ ମକର ସଂକ୍ରାନ୍ତି ଥିବାରୁ ମହନ୍ତ ସଂପ୍ରଦାୟର ମହିଳା ଓ ଝିଅ ମାନେ ସମସ୍ତେ ମକର ଅବସରରେ ଟୁସୁମଣୀଙ୍କ ସ୍ମୃତିରେ ଟୁସୁପର୍ବ ପାଳନ କରିଆସୁଛନ୍ତି। ପରମ୍ପରା ଅନୁସାରେ ମକର ସଂକ୍ରାନ୍ତିର ସାତ ଦିନ ପୂର୍ବରୁ କେନ୍ଦୁଝର ସଦର ବ୍ଲକ ରଘୁନାଥପୁର ଗ୍ରାମ ପଞ୍ଚାୟତର ପ୍ରାୟ ସବୁ ଗ୍ରାମର ଝିଅ ଓ ମହିଳାମାନେ ଟୁସୁ ମୂର୍ତ୍ତିକୁ ଆଣି ଘରେ ଘରେ ପୂଜାର୍ଚ୍ଚନା କରିଥାନ୍ତି। ପୂଜା ପାଉଥିବା ଟୁସୁଙ୍କୁ ମକର ସଂକ୍ରାନ୍ତି ଦିନ ହଜାର ହଜାର ଲୋକଙ୍କ ଗହଣରେ ପାଲିଙ୍କିରେ ବସାଇ ତାଙ୍କ ଗାଥା ଗାନ କରି ମହିଳା ଓ ଝିଅମାନେ ଘର ଘର ବୁଲାଇ ପୂଜା ଓ ବନ୍ଦାପନା କରିଥାନ୍ତି। ଶେଷରେ ଧାଡ଼ି ଧାଡ଼ି ହୋଇ ଟୁସୁ ଧରି ଚକ ଗ୍ରାମରେ ଥିବା ମହାଦେବଙ୍କ ମନ୍ଦିର ବେଢ଼ାରେ ତିନି ଥର ପରିକ୍ରମା କରାଇବା ପରେ ସେ ନିକଟରେ ଥିବା ପୋଖରୀର ଚାରିପଟେ ମଧ ପରିକ୍ରମା କରି ପୋଖରୀରେ ଟୁସୁଙ୍କୁ ବିସର୍ଜନ କରିଥାନ୍ତି। ଏବର୍ଷ ଏଥିରେ ୨୦ଟି ଗ୍ରାମର ମହିଳା ଓ ଯୁବତୀମାନେ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ଟୁସୁ ନେଇ ଆସିଥିଲେ। ଏହାକୁ ଦେଖିବାକୁ ହଜାର ହଜାର ସଂଖ୍ୟାରେ ଲୋକଙ୍କ ଭିଡ଼ ଜମିବା ସହ ୩ ଦିନ ଧରି ଏଠାରେ ମେଳା ଓ ମୀନାବଜାର ପଡ଼ିଥାଏ। ଟୁସୁ ମେଳାରେ ଏଠାରେ ବିଭିନ୍ନ ପ୍ରକାରର ଦୋକାନ ବଜାର ପସରା ମେଳିଥାଏ। ଲୋକମାନେ ଟୁସୁ ପର୍ବ ଦେଖିବା ସହ ମୀନାବଜାର ଓ ମେଳା ବୁଲିଥାନ୍ତି। ଶେଷରେ ଆୟୋଜକ କରିଥିବା କମିଟି ପକ୍ଷରୁ ଟୁସୁ ଆଣିଥିବା ଦଳଙ୍କୁ ବଛାଯାଇ ପୁରସ୍କୃତ କରାଯାଇଥାଏ।

## ● ପାର୍ବଣରେ ମାତିଲେ ଲୁଟେରା

## ମହିଳାଙ୍କଠାରୁ ଲୁଟିନେଲେ ଟଙ୍କା ଓ ମୋବାଇଲ

**ତୁରୁମୁଙ୍ଗା,୧୬।୧(ସମିସ):** ପାର୍ବଣ ଆଳରେ କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅଞ୍ଚଳରେ ମାତିଲେଣି ଲୁଟେରା। ମଙ୍ଗଳବାର ଅପରାହ୍ନରେ ତୁରୁମୁଙ୍ଗା ବଜାରରୁ ଲୁଟ୍ ହୋଇଛି। ବ୍ୟାଙ୍କରୁ ଟଙ୍କା ଉଠାଇ ଆଣି ଦୋକାନରୁ ଚକଲେଟ୍ କିଣୁଥିବା ସମୟରେ ଦୁର୍ବୃତ୍ତମାନେ ମହିଳାଙ୍କ ଠାରୁ ଟଙ୍କା ଓ ମୋବାଇଲ ଲୁଟି ନେଇଛନ୍ତି। ଲୁଟ୍‌ର ଶିକାର ହୋଇଥିବା ମହିଳା ହେଲେ ନିହ୍ମୁଆଁ ଗ୍ରାମର ତ୍ରିବେଣୀ ସିଂ। ତ୍ରିବେଣୀ ମଙ୍ଗଳବାର ଅପରାହ୍ନରେ ତୁରୁମୁଙ୍ଗା ଷ୍ଟେଟ୍‌ବ୍ୟାଙ୍କରୁ ୩୫ ହଜାର ଟଙ୍କା ଉଠାଇ ଝିଅ ଲକ୍ଷ୍ମୀପ୍ରିୟା ସିଂ ସହ ସ୍କୁଟି ଯୋଗେ ଆସି ତୁରୁମୁଙ୍ଗା କଲେଜ ଛକରେ ଥିବା ଏକ ଦୋକାନରୁ ନାତୁଣୀ ପାଇଁ ଚକଲେଟ୍ କିଣୁଥିବା ସମୟରେ ବ୍ୟାଙ୍କରୁ ପିଛା କରି ଆସିଥିବା ଦୁଇ ଦୁର୍ବୃତ୍ତ ତାଙ୍କ ସ୍କୁଟିରୁ ଟଙ୍କା ଓ ମୋବାଇଲ ଲୁଟିନେଇ ବାଇକ୍ ଯୋଗେ ଫେରାର ହୋଇଯାଇଛନ୍ତି। ଲୁଟେରାଙ୍କ ଦୃଶ୍ୟ ସିସିଟିଭିରେ କଏଦ ହୋଇଥିବା ବେଳେ ଘଟଣାସ୍ଥଳରେ ତୁରୁମୁଙ୍ଗା ପୁଲିସ ପହଞ୍ଚି ଲୁଟେରାଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଛାନ୍‌ଭିନ୍ ଜାରିରଖିଛି।

## ଖଣି ବଜାରରେ ମକର ମେଳା



**ସୋସୋ, ୧୬।୧(ସମିସ):** କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ବାଲିବରେଇ ପଞ୍ଚାୟତ ଆଦିବାସୀ ଗାଁ ଖଣି ବଜାରରେ ତାରିଣୀ କ୍ଲବ୍ ପକ୍ଷରୁ ଧୁମ୍‌ଧାମ୍‌ରେ ମକର ମେଳା ଅନୁଷ୍ଠିତ ହେଉଛି। ଏହି ମକର ମେଳାକୁ ବିଧାୟକ ଭାଗୀରଥି ସେଠୀ, ଅଧ୍ୟକ୍ଷା ସାବିତ୍ରୀ ସେଠୀ, ସରପଞ୍ଚ ଚିନ୍ମୟ ନାୟକ, ଜୁଲୁ ଆଇଚ, ସୁଧାଂଶୁ ମଲ୍ଲିକ ପ୍ରମୁଖ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ମେଳାରେ ଆଦିବାସୀ ଲୋକମାନଙ୍କର ଦୋକାନ ବଜାର ଲାଗି ଥିବାବେଳେ ମୀନାବଜାର ଲୋକଙ୍କୁ ଆକୃଷ୍ଟ କରିଛି। ସନ୍ଧ୍ୟା ହେଲେ ଗହଳି ହେଉଥିବାବେଳେ ଆଲୋକ ସଜ୍ଜାରେ ସେ ଅଞ୍ଚଳ ଆଲୋକିତ ହୋଇପଡିଛି। କ୍ଲବର ସିଙ୍ଗା ହୋ, ପ୍ରସନ୍ନ କାଣ୍ଡିଆ, ଡୁବିଲିଆ ଜିରିକା, ଚଗୁଲୁ ତାମୁଲିଆ, ପିଙ୍କୁ ସାହୁ ପ୍ରମୁଖ ବହୁ ଯୁବକ ଓ କମିଟି ସଦସ୍ୟ ସହଯୋଗ ଓ ପରିଚାଳନା କରିଥିଲେ। ସୋସୋ ପୁଲିସ ଘଟଣା ସ୍ଥଳରେ ରହି ସୁରକ୍ଷା ବ୍ୟବସ୍ଥା କରିଛନ୍ତି।

## ମୁଣ୍ଡାସାହିରେ ମକର ମେଳା ପାଳିତ



**ଯୋଡା,୧୬।୧(ସମିସ):** ଉତ୍ତର ଓଡିଶା ଓ କେନ୍ଦୁଝର ଜିଲ୍ଲାର ପ୍ରସିଦ୍ଧ ପର୍ବ ମକର ମେଳା ଯୋଡା ବ୍ଲକ ଜଲହରୀ ପଞ୍ଚାୟତର ଜଲହରୀ ମୁଣ୍ଡାବସ୍ତିରେ ମହାସମାରୋହରେ ପାଳିତ ହୋଇଯାଇଛି। ଶୈବପୀଠରେ ମହାପ୍ରଭୁ ବାବା କାଣ୍ଡେସ୍ୱରଙ୍କର ପୂଜାର୍ଚ୍ଚନା ସହିତ ଅନେକ ଭକ୍ତଙ୍କ ସମାଗମ ପରିବେଶକୁ ଉତ୍ସବମୁଖର କରିଥିଲା। ବିଭିନ୍ନ ଦୋକାନ ସହିତ ସାଜସଜ୍ଜା ସେ ସ୍ଥାନକୁ ଅତ୍ୟନ୍ତ ରମଣୀୟ କରିଥାଏ। ରବିବାରଠାରୁ ମକର ସଂକ୍ରାନ୍ତି ଅବସରରେ ସହସ୍ରାଧିକ ଭକ୍ତ ବାବା କାଣ୍ଡେସ୍ୱରଙ୍କୁ ଅର୍ଘ୍ୟ ଅର୍ପଣ ସ୍ୱରୂପ ପୂଜାଅର୍ଚ୍ଚନା କରିଥିଲେ। ଦର୍ଶନାଭିଳାଷୀଙ୍କ ଅବସର ବିନୋଦନ ପାଇଁ ୩ଦିନ ବ୍ୟାପୀ ପାରମ୍ପାରିକ ରୀତି ଅନୁଯାୟୀ ଆଦିବାସୀ ନୃତ୍ୟ ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ମକର ମେଳାଟିକୁ ସ୍ଥାନୀୟ ଅଞ୍ଚଳର ଲାଦୁ ମୁଣ୍ଡା, ଶ୍ରବଣ ଚାମ୍ପିଆ, ସେନାପତି ମୁଣ୍ଡା, ଭଦ୍ର ମୁଣ୍ଡା, ଜାଗାୟା ମୁଣ୍ଡା, ସୁନା ମୁଣ୍ଡା, ଜଙ୍ଗା ମୁଣ୍ଡାଙ୍କ ସହ କମିଟିର ଅନ୍ୟ ସଦସ୍ୟ ମାନେ ପରିଚାଳନା କରି ସୁଚାରୁରୂପେ ସମ୍ପାଦନ କରିଥିଲେ।

## ଭୀମ ଆର୍ମି ଓ ଆମ୍ବେଦକର ଯୁବକ ସଂଘର ସମାବେଶ

**ଆନନ୍ଦପୁର, ୧୬।୧(ସମିସ):** ଆନନ୍ଦପୁର ଭୀମ ଆର୍ମୀ ସଂଗଠନ ଓ ଆମ୍ବେଦକର ଯୁବକ ସଂଘ ମିଳିତ ସହଯୋଗରେ ଏକ ଯୁବ ସମାବେଶ ତରୁଆଁ ପଞ୍ଚାୟତର ବଣିଆପଶି ଖେଳପଡିଆରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ଭୈରବ ଜେନାଙ୍କ ସଂଯୋଜନାରେ ଏହି ସଭାରେ ମୁଖ୍ୟଅତିଥି ଭାବେ ରାଜ୍ୟ ଦଳିତ ଅଧିକାରୀ ମଞ୍ଚ ସଭାପତି ମାନସ ଜେନା, ମୁଖ୍ୟବକ୍ତା ଭାବେ ରାଜ୍ୟ ମୂଳ ନିବାସୀ ସମତା ପରିଷଦର ସଂଯୋଜକ ଅଭିରାମ ମଲିକ, ସମ୍ମାନୀୟ ଅତିଥି ଭାବେ ଆମ୍ବେଦକର ଜୀବନୀ ଲେଖକ ଗୋପୀନାଥ ମଲିକ, ଭୀମ ଆର୍ମି ଜିଲା ସଭାପତି ସତ୍ୟବ୍ରତ ଜେନା, ଶିକ୍ଷାବିତ ଅଜୟ ମୁଖୀ, ଆଦିବାସୀ ନେତା ବିଜୟ ହେମ୍ବ୍ରମ, ସମାଜସେବୀ ସୁରେଶ ଜେନା, ଶିକ୍ଷାବିତ ବାଦଲ ଜେନା, ବୈଲୋଚନ ଜେନା, ୱାର୍ଡ ସଭ୍ୟ ଅମୂଲ୍ୟ ଜେନା, ଗାଁ ମୁରବୀ ଜୀବନ ଜେନା, ଚକ୍ରଧର ଜେନା, ନୀଳମଣି ଜେନା, ନୃସିଂହ ମଲିକ, ଅଶୋକ ପେରେଇ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ରଶ୍ମିରଞ୍ଜନ ଜେନା, ରାଜେନ୍ଦ୍ର ଜେନା, ବାଇଧର ଜେନା, ନରେନ୍ଦ୍ର ମଲିକ, ପ୍ରଦୀପ କୁମାର ଜେନା, ଲଲାଟେନ୍ଦୁ ଜେନା, କ୍ଷମାକର ଜେନା, ଶଶୀକାନ୍ତ ଜେନା, ରଘୁନାଥ ଜେନା, ଶତ୍ରୁଘ୍ନ ଜେନା ଏବଂ ସଂଗଠନର ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।

## ପତିତପାବନ କଲେଜରେ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଘାଟିତ



**ଘସିପୁରା,୧୬ ।୧(ସମିସ):** ଘସିପୁରା ବ୍ଲକ ସାଇଁକୁଳ ପତିତପାବନ ମହାବିଦ୍ୟାଳୟରେ ଅଧକ୍ଷ ଅମୂଲ୍ୟ ବିଶ୍ୱାଳଙ୍କ ସଭାପତିତ୍ୱରେ ନୂଆ-ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ପୂର୍ବତନ ଅଧକ୍ଷ ଡ.କୃଷ୍ଣଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଚିନ୍ତାମଣି ଜେନା ଏବଂ କଲେଜର ଓଏସ୍‌ଡି ରାଜେନ୍ଦ୍ର କୁମାର ରାଉତ ଓ ଯୁକ୍ତ ୩ ବିଭାଗର ଅଧକ୍ଷ ଶରତ କୁମାର ଜେନା, ନୋଡାଲ ଅଫିସର ଅଧ୍ୟାପିକା ତଥା ବିଭାଗୀୟ ମୁଖ୍ୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ଶ୍ରୀମତୀ କାବେରୀ ମିଶ୍ର ଯୋଗଦେଇଥିଲେ। ଅତିଥିଙ୍କର ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରାଯାଇଥିଲା। ଓଡ଼ିଆ ଅଧ୍ୟାପକ ଡ. ବିଧାଧର ଦାସ ଓ ଏନ୍‌ସିସି କମାଣ୍ଡର ଜୟଦେବ ଦାସ ସଭାକାର୍ଯ୍ୟ ପରିଚାଳନା ଓ ସଂଯୋଜନା କରିଥିଲେ। ଅଧ୍ୟାପିକା ଇତିଶ୍ରୀ ଜେନା, ଅଙ୍କିତା ପ୍ରିୟଦର୍ଶିନୀ ସାହୁ ପ୍ରମୁଖ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ସମସ୍ତ ଅଧ୍ୟାପକ ଅଧ୍ୟାପିକା କର୍ମଚାରୀ ଉପସ୍ଥିତ ରହିଥିବା ବେଳେ ଅଧ୍ୟାପକ ଜଗବନ୍ଧୁ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ଭଗାନଇରେ ସୋହମ ସ୍ୱାମୀଙ୍କ ବାର୍ଷିକ ଉତ୍ସବ



**ଆନନ୍ଦପୁର,୧୬।୧(ସମିସ):** ଘସିପୁରା ବ୍ଲକ ମଦନପୁର ପଞ୍ଚାୟତ ଭଗାନଇ ଗ୍ରାମରେ ସଦ୍‌ଗୁରୁ ସୋହମସ୍ୱାମୀଙ୍କ ଲୀଳାଭୂମି ଆତ୍ମଗୀତା ଆଶ୍ରମରେ ଚଳିତବର୍ଷ ୬୪ତମ ବାର୍ଷିକ ଅଷ୍ଟପ୍ରହରୀ ନାମଯଜ୍ଞ ଓ ମକର ମେଳା ଧୁମଧାମରେ ପାଳନ କରାଯାଇଛି। ପୁରାତନ କାଳରେ ଏହି ଆଶ୍ରମରେ ସଦ୍‌ଗୁରୁ ଭଗବାନ ସୋହମସ୍ୱାମୀ ଭକ୍ତମାନଙ୍କ ସହ ମିଶି ଅଦ୍ଭୁତ ପ୍ରକାର ଲୀଳା ଦେଖାଇ ଭକ୍ତ ମାନଙ୍କ ମନସ୍କାମନା ପୁରଣ କରିଛନ୍ତି ବୋଲି ବିଶ୍ୱାସ ରହିଛି। ପ୍ରତିବର୍ଷ ମକର ସଂକ୍ରାନ୍ତିରେ ଆତ୍ମଗୀତା ଆଶ୍ରମର ସଭାପତି ମଧୁସୂଦନ ବେହେରାଙ୍କ ତତ୍ତ୍ୱାବଧନରେ ଅଷ୍ଟପ୍ରହରୀ ଓ ନାମଯଜ୍ଞ ସଂକୀର୍ତ୍ତନ କରାଯାଇ ଶେଷରେ ସାଧୁସନ୍ଥଙ୍କ ଦ୍ୱାରା ଆଧ୍ୟାତ୍ମିକ ପ୍ରବଚନ ମାଧ୍ୟମରେ ସମସ୍ତ ଭକ୍ତଙ୍କୁ ବୁଝାଇଥିଲେ। ଉକ୍ତ ମେଳାରେ ଆଧ୍ୟାତ୍ମିକ ମହାସଂଘର ଆଚାର୍ଯ୍ୟ ଗୁରୁ ଦିବ୍ୟାନନ୍ଦ ସ୍ୱାମୀ, ଅଦ୍ୱୈତାନନ୍ଦ ସ୍ୱାମୀ, ଅଖଣ୍ଡାନନ୍ଦ ସ୍ୱାମୀ, ପ୍ରଣବାନନ୍ଦ ସ୍ୱାମୀ, ଜଗତାନନ୍ଦ ସ୍ୱାମୀ, ସାଧୁଶ୍ରୀ ସୁଧାନନ୍ଦ ସ୍ୱାମୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ଶାନ୍ତିଶୃଙ୍ଖଳାରେ ସମ୍ପୂର୍ଣ୍ଣ ହେଉଛି। ସାଧୁସନ୍ଥଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ କରାଯାଇଥିବା ବେଳେ ଭକ୍ତମାନଙ୍କ ଦ୍ୱାରା ନାମ ସଂକୀର୍ତ୍ତନ ଗୀତର ତାଳେ ତାଳେ ମହିଳା ଓ ପୁରୁଷ ମାନେ ନାଚି ନାଚି ଗ୍ରାମରେ ନଗର ପରିକ୍ରମା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆଶ୍ରମର ସଦସ୍ୟ କୁଶଭଦ୍ରା ସାହୁ, ଚିନ୍ତାମଣି ଜେନା, ଦୟାନିଧି ସାହୁ, ନଟବର ସାହୁ, ଶ୍ରୀକାନ୍ତ ସାହୁ, ତପନ ସାହୁ, ମୁରଲୀଧର ସାହୁ, ନକୁଳ ଚରଣ ସାହୁ ଏବଂ ମହିଳାମାନଙ୍କ ମଧ୍ୟରେ କନକଲତା ସାହୁ, ସୁଷମା ସାହୁ, ମିନତୀ ସାହୁ, ବିଳାସିନୀ ବେହେରା ସୋହମସ୍ୱାମୀଙ୍କ ସହଯୋଗ କରିଥିଲେ।

## ମଛାଳୋ ପଞ୍ଚାୟତ ହାଇସ୍କୁଲର ବାର୍ଷିକ କ୍ରୀଡ଼ା

**ଘସିପୁରା,୧୬ ।୧(ସମିସ):** ମଛାଳୋ ପଞ୍ଚାୟତ ହାଇସ୍କୁଲରେ ୨୭ ତମ ବାର୍ଷିକ କ୍ରୀଡା ଏବଂ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଧନଞ୍ଜୟ ମିଶ୍ରଙ୍କ ସଂଯୋଜନାରେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ତଥା ପୂର୍ବତନ ସରପଞ୍ଚ ମନୋଜ କୁମାର ଜେନା, ଦିପ୍ତିରଂଜନ ମହାନ୍ତି, ଗାଁମୁରବୀ ଗିରାଧାରୀ ପାଣିଗ୍ରାହୀ, ଦୁଃଶାସନ ଖିଲାର, ଓଁକାର ସ୍କୁଲର କ୍ରୀଡ଼ା ଶିକ୍ଷକ ସୁଦର୍ଶନ ବିଶ୍ୱାଳ, ଶିକ୍ଷାବିତ ପୁରୁଷୋତ୍ତମ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ୧୧ଟି ବିଭାଗରେ ୧୬୭ ଜଣ ଛାତ୍ରଛାତ୍ରୀ ବାର୍ଷିକ କ୍ରୀଡ଼ାରେ ଅଂଶଗ୍ରହଣ କରିଥିଲେ। ବାର୍ଷିକ କ୍ରୀଡ଼ାରେ ଚାମ୍ପିଅନ ଭାବେ ରାଜେଶ ଖିଲାର ପୁରସ୍କୃତ ହୋଇଥିଲେ। ଉଦଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବକୁ ଶିକ୍ଷକ ବିଷ୍ଣୁନାରାୟଣ ସାମଲ ପରିଚାଳନା କରିଥିବା ବେଳେ କ୍ରୀଡ଼ା ଶିକ୍ଷକ ଉମାଶଙ୍କର ରାଉତରାୟ, ଗୌରଚନ୍ଦ୍ର ମିଶ୍ର, ପୁଷ୍ପିତା ମିଶ୍ର, ଲକ୍ଷ୍ମଣ ପାତ୍ର, ପ୍ରତାପ କିଶୋର ସାହୁ, ପ୍ରକାଶ ମହାପାତ୍ର, ଧର୍ମାଧି ସାହୁ, ଲିପୁରଞ୍ଜନ ମହାନ୍ତି, ରମେଶ କୁମାର ଜେନା ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

## ପ୍ରୀତିପ୍ରଣତି ସାହିତ୍ୟ ପରିବାରର ବାର୍ଷିକ ଉତ୍ସବ

**ଆନନ୍ଦପୁର, ୧୬।୧(ସମିସ):** ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ପ୍ରୀତିପ୍ରଣତି ସାହିତ୍ୟ ପରିବାରର ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବୁଦ୍ଧ ମନ୍ଦିରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦକ ଦେବବ୍ରତ ବାରିକଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ସାହିତ୍ୟିକ ଶଙ୍କର୍ଷଣ ପରିଡା, ସମ୍ମାନୀତ ଅତିଥି ଭାବେ ଜ୍ଞାନବ୍ରତ ମହାନ୍ତି, ମୁଖ୍ୟବକ୍ତା ଭାବେ ହରିହର ପାଣିଗ୍ରାହୀ, ସୁଜିତ କୁମାର ମିଶ୍ର ଯୋଗ ଦେଇ ସାହିତ୍ୟକୁ ଅଧିକ ପଢିବା ଓ ସାହିତ୍ୟ ପ୍ରତି ଅହେତୁକ ଅନୁକମ୍ପା ରହିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପ୍ରୀତିପ୍ରଣତି ପତ୍ରିକାକୁ ଅତିଥିମାନେ ଉନ୍ମୋଚନ କରିବା ପରେ ୩୦ ଜଣ ସାହିତ୍ୟ ଅନୁରାଗୀ ପ୍ରତିଭାଙ୍କୁ ସମ୍ମାନୀତ କରାଯାଇଥିଲା। କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ ସଭାପତି ମଧୁସ୍ମିତା ମହାନ୍ତି, ପଦ୍ମଜା ସ୍ୱାଇଁ, ସବିତା ନାୟକ, ଆଶିଷ କୁମାର ସ୍ୱାଇଁ, ଦେବଦତ ଦହୁରୀ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ସଭାପତି ଜ୍ଞାନରଞ୍ଜନ ଦାସ ଉତ୍ସବର ସଫଳତା ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ଦେଓଗାଁରେ ଚିତ୍ରାଙ୍କନ ପ୍ରତିଯୋଗିତା



**ଆନନ୍ଦପୁର, ୧୬।୧(ସମିସ):** କେନ୍ଦୁଝର ଜିଲ୍ଲା ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ତରଫରୁ ଜାତୀୟ ଯୁବ ଦିବସ ଅବସରରେ ସ୍ଥାନୀୟ ଦେଓଗାଁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସମ୍ପାଦକ ଅଧ୍ୟାପକ ବିଜୟ କୁମାର ସାହୁଙ୍କ ସଭାପତିତ୍ୱରେ ଏହି ଉପଲକ୍ଷେ ଆୟୋଜିତ ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ଭାବେ ଡ. ବିମ୍ବାଧର ବେହେରା, ମୁଖ୍ୟବକ୍ତା ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶଙ୍କର୍ଷଣ ଜେନା ଯୋଗ ଦେଇଥିଲେ। ପରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଅନୁଷ୍ଠିତ ଏହି ସଭାରେ ଜିଲ୍ଲା ସାହିତ୍ୟ ବିଭାଗର ମୁଖ୍ୟ ତଥା ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ଜେନା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଶେଷରେ ଜିଲା ଶାଖା ସ୍ଥାୟୀ ସଦସ୍ୟ ଶିକ୍ଷକ ଦିଲୀପ କୁମାର ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅବସରପ୍ରାପ୍ତ ପ୍ରାଧ୍ୟାପକଙ୍କ ପରଲୋକ



**ଆନନ୍ଦପୁର, ୧୬।୧(ସମିସ):** ଆନନ୍ଦପୁର ମହାବିଦ୍ୟାଳୟର ପୂର୍ବତନ ପ୍ରାଧ୍ୟାପକ ବିଭୂତି ଭୂଷଣ ମହାନ୍ତିଙ୍କ ୮୩ ବୟସରେ ପରଲୋକ ହୋଇଯାଇଛି। ସେ ଆଜକୁ କିଛି ଦିନ ହେବ ବାର୍ଦ୍ଧକ୍ୟଜନୀତ ଅସୁସ୍ଥ ହୋଇ ଘରୋଇ ଭାବେ ଚିକିତ୍ସିତ ହେଉଥିଲେ। ସବୁଦିନ ପରି ସକାଳୁ ନିତ୍ୟକର୍ମ ସାରିବା ପରେ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ଡାକ୍ତରଖାନାକୁ ନିଆଯାଇଥିବା ବେଳେ ସେଠାରେ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା। ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଅଧ୍ୟାପକ, ଅଧ୍ୟାପିକା ଓ ଅଂଚଳବାସୀ ତାଙ୍କ ବାସଭବନରେ ଉପସ୍ଥିତ ରହି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସେ ୧୯୭୨ ମସିହାରୁ ୧୯୮୪ ମସିହା ପର୍ଯ୍ୟନ୍ତ ଆନନ୍ଦପୁର ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନ ବିଭାଗର ପ୍ରାଧ୍ୟାପକ ଭାବେ ଅଧ୍ୟାପନା କରିଥିଲେ।

## କଅଁସ କେନ୍ଦୁଆ ମାର୍କେଟ କମ୍ପ୍ଲେକ୍ସ ଉଦ୍‌ଘାଟିତ

**ଆନନ୍ଦପୁର, ୧୬।୧(ସମିସ):** ଘସିପୁରା ବ୍ଲକ ଅନ୍ତର୍ଗତ କଅଁସ କେନ୍ଦୁଆଠାରେ ଏକ ମାର୍କେଟ କମ୍ପ୍ଲେକ୍ସ ଉଦ୍‌ଘାଟିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ପ୍ରତିମା ଜେନାଙ୍କ



ସଂଯୋଜନାରେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହି ପ୍ରକଳ୍ପକୁ ଉଦଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ମଧୁସ୍ମିତା ଦାସ, ବ୍ଲକ ଉପାଧ୍ୟକ୍ଷ ପଞ୍ଚାନନ ବେହେରା ଯୋଗ ଦେଇଥିଲେ। ବିଶିଷ୍ଟ ବ୍ୟକ୍ତି ମଣିଚରଣ ଚକ୍ର, ରବିନ୍ଦ୍ର ଜେନା, ବିଜୟ ଦାସ, ବାବୁ ଦାସ, ସଦାନନ୍ଦ ନାୟକ, ରଞ୍ଜନ ସେଠୀ, ବିଭୁ ପ୍ରସାଦ ମଲିକ ପ୍ରମୁଖ ସହଯୋଗ କରିଥିଲେ।

## ପାଣି ପଞ୍ଚାୟତ ପକ୍ଷ ପାଳନ

# ଗର୍ଜିଲେ ଚାଷୀ; ବଖାଣିଲେ ସମସ୍ୟା

**ଚମ୍ପୁଆ, ୧୬।୧(ସମିସ)**




ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ତଥା କୃଷକ ସଭା ଚମ୍ପୁଆ ନଗର ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ଚମ୍ପୁଆ ଏନ୍‌ଏସି ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ କ୍ଷୁଦ୍ର ଜଳ ସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସୁଧାଂଶୁ ସେଖର ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁକେସିତା ନାଏକ, ସହକାରୀ ଯନ୍ତ୍ରୀ ନେପାଳ କୁମାର ସାହୁ, ଗୋଷ୍ଠୀ କୃଷି ଅଧିକାରୀ ନୀଳମାଧବ ଦାଶ, ଉଦ୍ୟାନ କୃଷି ଅଧିଦର୍ଶକ ମଙ୍ଗୁଳି ଗିରି, ଚମ୍ପୁଆ କ୍ଷୁଦ୍ର ଜଳସେଚନ ଅଧିକାରୀ ସୁସିଲ କୁମାର ସେଠୀ, ସହକାରୀ କୃଷି ଅଧିକାରୀ ଦେବବ୍ରତ ମିଶ୍ର, ସୁଶାନ୍ତ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଅଧିକ୍ଷଣ ଯନ୍ତ୍ରୀ କ୍ଷୁଦ୍ର ଜଳସେଚନ ବିଭାଜନ କେନ୍ଦୁଝରର ସୌଜନ୍ୟରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପସ୍ଥିତି ଅତିଥି ଅଧିକାରୀ ମାନେ ଚାଷ ଓ ଚାଷୀର ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ବହୁବିଧି ଯୋଜନା ଗୁଡିକର ସୁବିଧା ନେବା ପାଇଁ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ଚାଷ ପାଇଁ ଜଳ ଏକାନ୍ତ ଆବଶ୍ୟକ ହୋଇଥିବା ବେଳେ ଗଭୀର ନଳକୂପ ଯୋଜନା ଓ କ୍ଷୁଦ୍ର ଜଳସେଚନ ମାଧ୍ୟମରେ ଚାଷୀଙ୍କୁ ଯୋଗାଇ ଦିଆଯାଇଥିବା ସୁବିଧା ଉପରେ ମତ ରଖିଥିବା ବେଳେ ଜଳସେଚନ ଭିତ୍ତିଭୂମି ନିର୍ମାଣ ଦ୍ୱାରା ଅଧିକରୁ ଅଧିକ ଜମିକୁ ଜଳ ସେଚନ ସୁବିଧା କରିବା ସହିତ ପାଣି ପଞ୍ଚାୟତ ବ୍ୟବସ୍ଥାକୁ ସୁଦୃଢ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସଫଳ କୃଷି ସଶକ୍ତ କୃଷକ ପରିପ୍ରେକ୍ଷୀରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପାଣି ପଞ୍ଚାୟତର ସଦସ୍ୟ ମାନେ ୧୬ ବର୍ଷ ହେବ ଜମିକୁ ପାଣି ଆସୁନଥିବା, ସାନବଡ଼ବିଲ ଠାରେ ଅଭିଯୋଗ ପରେ ମଧ ବନ୍ଧରୁ ପଙ୍କ ଉଦ୍ଧାର କରାଯାଉନଥିବାରୁ ଚାଷୀ ମାନେ ପାଣି ପାଉନଥିବା, ରଜିଆ ଗ୍ରାମରେ ଦୁଇ ଦୁଇଟି ବନ୍ଧ ପୋତି ହୋଇଯାଇଥିବାରୁ ୨୦୦ ଏକର ଚାଷ ଜମି ବର୍ଷାଦିନ ଛଡା ଅନ୍ୟ ଦିନ ପାଣି ଅଭାବରୁ ଚାଷ କରିପାରୁନଥିବା ଚାଷୀ ଅଭିଯୋଗ କରିଥିଲେ। ଏପରିକି ପାଣି ପଞ୍ଚାୟତ ଗଠନ ପରେ ଅଧିକାରୀମାନେ ପାଣି ପଞ୍ଚାୟତ ସହ ସମ୍ପର୍କ ରଖୁନଥିବା ଚାଷୀ ଅଭିଯୋଗ କରିଥିଲେ। ଏହି କୃଷକ ସଭାରେ ପୂର୍ବରୁ ଆୟୋଜିତ ବିଭାଜନ ସ୍ତରୀୟ ୫ ଗୋଟି ପ୍ରତିଯୋଗିତାର ସଫଳ ୧୫ ଜଣ ପ୍ରତିଯୋଗିଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ବିଦ୍ୟାଧରପୁରଠାରେ ପାଣି ପଞ୍ଚାୟତ ପକ୍ଷ ପାଳନ

**ହାଟଡ଼ିହି/ସୋସୋ,୧୬।୧(ସମିସ):** ହାଟଡିହି ବ୍ଲକ ବିଦ୍ୟାଧରପୁର କେନାଲ ଡିଭିଜନ କାର୍ଯ୍ୟାଳୟରେ ସାଳନ୍ଦୀ ବାମ କେନାଲ ଖଇରା ଉପଖଣ୍ଡର ୮ଟି ପାଣି ପଞ୍ଚାୟତର ପକ୍ଷ ପାଳିତ ହେବା ସହିତ ବିଭାଗ ପକ୍ଷରୁ କରାଯାଇଥିବା ପ୍ରତିଯୋଗିତାର ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଛି। ଖଇରାର ସହକାରୀ ଯନ୍ତ୍ରୀ କୃଷ୍ଣଚରଣ ମାରାଣ୍ଡିଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିବାବେଳେ କେନାଲ ଡିଭିଜନର ଅଧିକ୍ଷଣ ଯନ୍ତ୍ରୀ ଭାଗିରଥି ପାତ୍ରଙ୍କ ଅଧ୍ୟକ୍ଷତାରେ କେନ୍ଦୁଝର ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ମୁଖ୍ୟଅତିଥି ଭାବେ ହାଟଡିହି ବିଧାୟକ ଭାଗୀରଥି ସେଠୀ, ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ହାଟଡିହି ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ, ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ଏସଡିଓ ନରହରି ପ୍ରଧାନ ପ୍ରମୁଖ ଯୋଗ ଦେଇ ସରକାରଙ୍କ ପକ୍ଷରୁ ବିଭିନ୍ନ ଜଳସେଚନର ସୁବିଧା ଉପରେ ଆଲୋଚନା କରିଥିଲେ।

ଜଳ ଅପଚୟ ନକରି ସର୍ବୋତ୍କୃଷ୍ଟ ବିନିଯୋଗ କରିବାକୁ ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ପରାମର୍ଶ ଦେଇଥିଲେ। ହାଟଡିହି ଅଞ୍ଚଳର ବିଭିନ୍ନ ପାଣି ପଞ୍ଚାୟତର ଚାଷୀଙ୍କୁ ଅବଗତ କରାଯାଇ ନଥିବା ବେଳେ କେବଳ ଖଇରା ଅଞ୍ଚଳର ହାତଗଣତି ଚାଷୀ ଉପସ୍ଥିତ ଥିବା ପରିଲକ୍ଷିତ ହୋଇଥିଲା। ବିଭାଗ ପକ୍ଷରୁ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀଙ୍କୁ ନେଇ ହୋଇଥିବା ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରଙ୍କୁ ମୁଖ୍ୟ ଓ ସମ୍ମାନୀତ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଏସ୍‌ଡିଓ ପ୍ରଦୀପ୍ତ ମହାପାତ୍ର, ନରହରି ପ୍ରଧାନ, ସହକାରୀ ଯନ୍ତ୍ରୀ ଜ୍ୟୋର୍ତିମୟୀ ପରିଡ଼ା ପରିଚାଳନା କରିଥିଲା ବେଳେ ଏଥିରେ କନିଷ୍ଠଯନ୍ତ୍ରୀ ପ୍ରଶାନ୍ତ ଜେନା, ଏସ୍ ପ୍ରଦୀପ୍, ବରିଷ୍ଠ ସହାୟକ ସୁଶାନ୍ତ କୁମାର ଜେନା, ସହାୟକ ଅଜୟ ସା ପ୍ରମୁଖଙ୍କ ସହ ବିଭାଜନର ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ।



### କେନ୍ଦ୍ର ସରକାରଙ୍କ ଅବହେଳାରୁ ଉପଖଣ୍ଡବାସୀ ରେଳସେବାରୁ ବଞ୍ଚିତ

# ୭୫ କିମି ରେଳପଥ ପାଇଁ ଆନ୍ତରିକତା ନାହିଁ

ଉଦଳା, ୧୬।୧(ସମିସ): ଓଡ଼ିଶାରେ ରେଳ ସେବାର ବିକାଶ ପାଇଁ କେନ୍ଦ୍ର ସରକାର ବିଭିନ୍ନ ସମୟରେ ଅର୍ଥ ପ୍ରଦାନ କରୁଛନ୍ତି ବୋଲି ଡିଣ୍ଡିମ ପିଟୁଛନ୍ତି ; ହେଲେ ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାରେ ଏହା ବ୍ୟତିକ୍ରମ ଦେଖିବାକୁ ମିଳିଛି। ତତ୍‌କାଳୀନ ମୟୂରଭଞ୍ଜ ମହାରାଜାଙ୍କ ଶାସନ କାଳରେ ରୁପ୍ସା-ବାଙ୍ଗିରିପୋଷି ରେଳପଥ ଯୋଜନା ଆଜି ବି ଅଧୁରା ହୋଇରହିଛି। ଜିଲ୍ଲାରେ ୪ଟି ଉପଖଣ୍ଡ ଥିବାବେଳେ ରେଳସେବା କ୍ଷେତ୍ରରେ କପ୍ତିପଦା ଉପଖଣ୍ଡ ସବୁଠାରୁ ପଛରେ ରହିଛି। ସ୍ୱାଧୀନତାର ୭୬ ବର୍ଷ ପରେ ବି ଆଜି କପ୍ତିପଦା ଉପଖଣ୍ଡବାସୀ ରେଳସେବାରୁ ବଞ୍ଚିତ। ରେଳସେବାର ବିକାଶ ହେଲେ ଉପଖଣ୍ଡର ଅର୍ଥନୈତିକ, ସାମାଜିକ ଓ ସାଂସ୍କୃତିକ ବିକାଶର ଚିତ୍ର ବଦଳିପାରନ୍ତା। ଜିଲ୍ଲାରେ ବସବାସ କରୁଥିବା ସ୍ଥାୟୀ ଜନଜାତିଙ୍କ ବିକାଶ ହୋଇପାରନ୍ତା ବୋଲି ସ୍ଥାନୀୟ ବୁଦ୍ଧିଜୀବି ମତ ଦେଇଛନ୍ତି। ଶିମିଳିପାଳ ଅଭୟାରଣ୍ୟ ମଧ୍ୟରୁ ଅଦିବାସୀ ତଥା ଜନଜାତି ଲୋକମାନେ ଦୈନନ୍ଦିନ ବିଭିନ୍ନ ପ୍ରକାର ଲଘୁବନଜାତ ଦ୍ରବ୍ୟ ସଂଗ୍ରହ କରି ଶାଗମାଛ ଦରରେ ବିକ୍ରି କରି ପରିବାର ପ୍ରତିପୋଷଣ କରୁଛନ୍ତି। ସଠିକ ବଜାର କି ସହର ତଥା ମହାନଗର ସହ ଏହି ଉପଖଣ୍ଡ ଯୋଗାଯାଗ କ୍ଷେତ୍ରରେ ପଛରେ ପଡ଼ିଥିବାରୁ ଉଚିତ ମୂଲ୍ୟ ପାଇବାରୁ ବଞ୍ଚିତ ହେଉଛନ୍ତି। ଅପରପକ୍ଷରେ ଜାତୀୟ ଉଦ୍ୟାନ ଶିମିଳିପାଳକୁ ରାଜ୍ୟ ତଥା ରାଜ୍ୟବାହାରୁ ଏପରିକି ବିଦେଶରୁ ପର୍ଯ୍ୟଟକଙ୍କ ଅଗାମନ ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ହୋଇଥାଏ। ହେଲେ ଗମନାଗମନର ଉପଯୁକ୍ତ ବ୍ୟବସ୍ଥା ବିଶେଷ କରି ରେଳ ସେବା ନ ଥିବାରୁ ବହୁ ଆସୁବିଧାର ସମ୍ମୁଖୀନ

**■ ନୀଳଗିରି-ଉଦଳା-ବାରିପଦା ରେଳ ଲାଇନ ନିର୍ମାଣ କେବେ ?**

ହୋଇଥାନ୍ତି। ପର୍ଯ୍ୟଟନ ଏକ ପ୍ରମୁଖ ଶିଳ୍ପ ଭାବେ ଅର୍ଥ ନୈତିକ ସ୍ଥିତି ଓ ନିଯୁକ୍ତି କ୍ଷେତ୍ରକୁ ଅଧିକ କରିପାରନ୍ତା। ଏଣୁ କପ୍ତିପଦା ଉପଖଣ୍ଡରେ ରେଳ ସେବାର ବିକାଶ ଏକାନ୍ତ ଜରୁରୀ ବୋଲି ଦାବି ଉଠୁଛି। ନିର୍ବାଚନ ସମୟରେ ସବୁ ପ୍ରମୁଖ ଜାତୀୟ ଦଳ ରେଳ ବିକାଶର ସ୍ୱପ୍ନ ଦେଖାଇ ନୀରିହ ଆଦିବାସୀଙ୍କଠାରୁ ଭୋଟ ହାତେଇଥାନ୍ତି ; ହେଲେ ପରବର୍ତ୍ତୀ ଅବସ୍ଥାରେ ଭୁଲିଯାଆନ୍ତି। ୨୦୧୨ ମସିହାରେ ତତକାଳୀନ ବିଧାୟକ ବାରିପଦାଠାରୁ ଯାଜପୁର ରୋଡ-ଭାୟା ଆନନ୍ଦପୁର ଶରତ କପ୍ତିପଦା ଓ ଉଦଳା ଦେଇ ରେଳ ଲାଇନର ସଂଯୋଗୀକରଣ ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ। ପରବର୍ତ୍ତୀ ସମୟରେ ରେଳ ବିଭାଗ ଦ୍ୱାରା ଏହି ରାସ୍ତାର ସୁବିଧା ସୁଯୋଗ ସୃଷ୍ଟି କରିବା ପାଇଁ




ଭଦ୍ରାଚଳମ-ଖଡଗପୁର ରେଳପଥ ପାଇଁ (୮୭୫କି.ମି.) ସର୍ଭେ କରାଯାଇଥିଲା। ଯାହାକି ଏହି ସର୍ଭେରେ ଶରତ-କପ୍ତିପଦା-ଉଦଳା-ବାରିପଦା-ଶୁଳିଆପଦା ସ୍ଥାନ ପାଇଥିଲା। ତାହା ଏବେ ମଧ୍ୟ କେନ୍ଦ୍ର ସରକାରଙ୍କ ଫାଇଲ ତଳେ ରହିଛି। ଏହାର ବିକଳ୍ପ ନେଇ ନୀଳଗିରି-କପ୍ତିପଦା-ଉଦଳା-ବାରିପଦା ପର୍ଯ୍ୟନ୍ତ ସମ୍ପ୍ରସାରଣ ଦିଗରେ ଚର୍ଚ୍ଚା ଜୋର ଧରିଲା। ମାତ୍ର ୭୫ କିମି ରେଳପଥ ପାଇଁ ସବୁଜ ସଙ୍କେତ ରହିଥିଲେ ହେଁ ଅଦ୍ୟାବଧି ଏହାର ସ୍ଥିତି ସ୍ପଷ୍ଟ ହୋଇପାରିନି। ଅପରପକ୍ଷରେ ନୀଳଗିରି ପର୍ଯ୍ୟନ୍ତ ରେଳସେବା ସ୍ୱାଭାବିକ ହୋଇଥିଲେ ହେଁ ଉଦଳା ପର୍ଯ୍ୟନ୍ତ ସମ୍ପ୍ରସାରଣ ଓ ବାରିପଦା ପର୍ଯ୍ୟନ୍ତ ସଂଯୋଗ ପ୍ରକ୍ରିୟା କେବଳ କାଗଜପତ୍ରରେ ସୀମିତ ରହିଛି। କପ୍ତିପଦା ଉପଖଣ୍ଡକୁ ରେଳ ସେବା ପାଇଁ ରାଜନୈତିକ ଉଦାସୀନତା ଓ କେନ୍ଦ୍ର ସରକାରଙ୍କ ଅବହେଳା ତଥା ଅଣଦେଖା ନୀତିକୁ ଦାୟୀ କରିବା ସହ ଦାବି ହାସଲ ପାଇଁ ଲଢେଇ କରିବାକୁ ପଡ଼ିବ ବୋଲି ଉପଖଣ୍ଡବାସୀ ବୁଝିସାରିଲେଣି। ଆଗାମୀ ଦିନରେ ଉପଖଣ୍ଡବାସୀ ଆନ୍ଦୋଳନ କରିବେ ବୋଲି ସୂଚନା ମିଳିଲାଣି।

## ମନ୍ଦିରରୁ ଲୁଟିନେଲେ ଦୁର୍ବୃତ୍ତ

ପିଙ୍ଗୁ, ୧୬।୧(ସମିସ): ସୋମବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ମନ୍ଦିରରୁ ଠାକୁରଙ୍କ ଆସବାବପତ୍ର ସମେତ ପୂଜା ସାମଗ୍ରୀ ମଧ୍ୟ ଲୁଟି ନେଇଛନ୍ତି। ଏଭଳି ଏକ ଘଟଣା ଘଟିଛି କପ୍ତିପଦା ଥାନା ଜେଏସଜାମୁଡିହା ସ୍ଥିତ ଯୋଗେଶ୍ୱର ମନ୍ଦିର ଏବଂ ତଳିଆ ଶନି ମନ୍ଦିରରେ। ଗତକାଲି ରାତିରେ ଦୁର୍ବୃତ୍ତମାନେ ମନ୍ଦିରର ଗ୍ରୀଲ ଭାଙ୍ଗି ଠାକୁରଙ୍କ ରୂପା ସାମଗ୍ରୀ ସମେତ ହୁଣ୍ଡିବାକ୍ସର ଚାବି ଭାଙ୍ଗି ଟଙ୍କା ଲୁଟି ନେଇଛନ୍ତି। ସେହିଭଳି ଶନି ମନ୍ଦିରରେ ପଶି ଲୁଟେରାମାନେ ଠାକୁରଙ୍କ ସୁନାର ଚିତା, ରୂପା ଅଳଙ୍କାର ଏବଂ ୧୩ କିଲୋ ଓଜନର ତମ୍ବା ନାଗସାପକୁ ମଧ୍ୟ ଲୁଟି ନେଇଛନ୍ତି। ଆଜି ସକାଳେ ଏହି ଘଟଣା ଜଣାପଡ଼ିବା ପରେ ପୁଲିସ ନିକଟରେ ଅଭିଯୋଗ କରାଯାଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଡାକ୍ତର ନିଯୁକ୍ତି ଦାବିରେ ଧାରଣା ସ୍ଥଗିତ

ବେତନଟୀ, ୧୬।୧(ସମିସ): ଜାତୀୟ ରାଜପଥ ୧୮ ନମ୍ବର ପାର୍ଶ୍ୱ ବେତନଟୀ ଡାକ୍ତରଖାନାରେ ଜଣେ ସ୍ଥାୟୀ ଏବଂ ଜଣେ ଡେପୁଟେସନ ଡାକ୍ତରରେ ଦୀର୍ଘଦିନ ହେବ ରୋଗୀସେବା ଚାଲିଛି। ଗୁରୁତର କିମ୍ବା ଦୁର୍ଘଟଣାଗ୍ରସ୍ତ ରୋଗୀ ଆସିଲେ ବାରିପଦାକୁ ସ୍ଥାନାନ୍ତର କରାଯାଏ। ଡାକ୍ତରଖାନାରେ ଆବଶ୍ୟକ ଅନୁସାରେ ସ୍ପେଶାଲିଷ୍ଟ ଡାକ୍ତର ଓ କର୍ମଚାରୀ ମଧ୍ୟ ନାହାନ୍ତି। ଜନସାଧାରଣ ଉତ୍ତମ ଚିକିତ୍ସା ସେବା ପାଉ ନ ଥିବାରୁ ଏହାର ପ୍ରତିବାଦ ଜଣାଇ ଆସନ୍ତା ୧୮ ତାରିଖରେ ବେତନଟୀର ସିଭିଲ ସୋସାଇଟି ତିନିଦିନିଆ ଧାରଣା ଦେବା ନିମନ୍ତେ ଚେତାବନୀ ଦେଇଥିଲା। ଏ ନେଇ ସିଭିଲ ସୋସାଇଟି ପକ୍ଷରୁ ୫-ଟି ଅଧ୍ୟକ୍ଷ, ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରମୁଖଙ୍କ ମଧ୍ୟ ଚିଠି ପ୍ରେରଣ କରାଯାଇଥିଲା। ତେବେ ଏହି ଧାରଣାକୁ ଆସନ୍ତା ଫେବୃଆରୀ ୧ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖାଗଲା। ହେଲେ ଆଗାମୀ ଦିନରେ ଦାବି ପୂରଣ ନ ହେଲେ ପୁଣି ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସଭାପତି ଚୂଡ଼ାମଣି ମହାପାତ୍ର ଓ ସମ୍ପାଦକ ସଚ୍ଚିଦାନନ୍ଦ ମହାନ୍ତି ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

## ଭାରତୀୟ କୃଷି ବିଜ୍ଞାନ ଅନୁସନ୍ଧାନ ପରିଷଦ ପରୀକ୍ଷାରେ କୃତିତ୍ୱ

ଝରାଡିହି, ୧୬।୧(ସମିସ): ଭାରତୀୟ କୃଷି ବିଜ୍ଞାନ ଅନୁସନ୍ଧାନ ପରିଷଦ (ଆଇସିଏଆର) ପରୀକ୍ଷା ଫଳ ପ୍ରକାଶ ପାଇଛି। ଏହି ପରୀକ୍ଷାରେ ମୟୂରଭଞ୍ଜ ଜିଲ୍ଲା ବହଳଦା ବ୍ଲକ ଝରାଡିହି ପଞ୍ଚାୟତ ବଡକେଡମ ଗ୍ରାମର ଅଶ୍ରୁମୋଚନ ବେହେରା କୃତକାର୍ଯ୍ୟ ହୋଇଛନ୍ତି। ସେ ସର୍ବଭାରତୀୟ ସ୍ତରରେ ୨୯୧୩ ର୍‍ୟାଙ୍କ ରଖିଛନ୍ତି। ସେ ମାଟ୍ରିକରେ ପ୍ରଥମ ଏବଂ ଦ୍ୱାଦଶ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ତାଙ୍କର ଏହି କୃତିତ୍ୱ ପାଇଁ ସେ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଏବଂ ପରିଚାଳନା କମିଟି ପିତା ମାତା, ଜେଜେବାପା, ପରିବାରବର୍ଗଙ୍କ ଶ୍ରେୟ ଦେଇଛନ୍ତି। ଅଶ୍ରୁମୋଚନଙ୍କ ପିତା ସଞ୍ଜୟ ବେହେରା ଜଣେ ସମାଜସେବୀ। ତାଙ୍କ ମାତା ଶିଶୁମତୀ ବେହେରା ଗୃହଣୀ। ବର୍ତ୍ତମାନ ସେ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ ଇମ୍ଫାଲରେ ଅଧ୍ୟୟନରତ।

## ଅଖାଇଁନ ଦିନ ମୟୂରଭଞ୍ଜ ମେଳିକୁ ମନେ ପକାଇଲା କୁଡୁମୀ ସମାଜ

ବଡ଼ସାହି, ୧୬।୧(ସମିସ): ମୟୂରଭଞ୍ଜର ପ୍ରସିଦ୍ଧ ମକର ଓ ଟୁସୁ ପରବ ଅବସରରେ ଆଦିବାସୀ କୁଡୁମୀ ସମ୍ପ୍ରଦାୟ ପକ୍ଷରୁ ଆଖନ୍



ଯାତ୍ରା ପାଳନ କରିଥିଲା କୁଡୁମାଲୀ ନବବର୍ଷ। ପ୍ରଥମ ଦିନ ସ୍ଥାପନା କରାଯାଇଥିବା ଟସୁ ମୂର୍ତ୍ତିକୁ ନଦୀରେ ବିସର୍ଜନ କରାଯାଇଥିଲା। ଏହି ପର୍ବ ଛତାନଗପୁରଠାରେ କୃଷି ସଭ୍ୟତା ଆରମ୍ଭ କାଳରୁ ପାଳନ ହେଇ ଆସିଥିବାର ବୁଦ୍ଧିଜିବୀମାନେ ମତ ପ୍ରକାଶ କରିଥାନ୍ତି। କଳିଙ୍ଗ ଯୁଦ୍ଧ ସମୟରେ ସମ୍ରାଟ ଅଶୋକଙ୍କ ଶିଳାଲେଖରେ ଧଉଳି ଗିରି ଓ ଗଞ୍ଜାମର ଜଉଗଡ଼ଠାରେ ପ୍ରତ୍ୟୟମାନ ହୁଏ ଟୁସୁ ପରବ। ଏହିଦିନ ଘରର ନୂତନ ବାଛୁରୀକୁ କୁଡୁମୀମାନେ ଗୋଷ୍ଠୀ ଦାଗ ପ୍ରଦାନ କରିଥାନ୍ତି। ଇଂରେଜ ଶାସନ ସମୟରେ କର ଖଜଣାରେ ଅତିଷ୍ଠ ହୋଇ ୧୯୧୭ରେ ମୟୂରଭଞ୍ଜ ରାଜ୍ୟର ହଲମିତାନ୍ ସଂସ୍କୃତିର ଲୋକେ ମେଳିକରି ଆଜିର ଆଖାଇଁନ ଅବସରରେ ନିଜସ୍ୱ ସରକାର ବେତନଟୀରେ ଗଠନ କରି ଇଂରେଜ ଓ ରାଜା ଶାସନ ବିରୋଧରେ ଏକ ସମାନ୍ତରାଳ ସରକାର ଚଳାଇଥିଲେ। ଏହାର ନେତୃତ୍ୱ କଙ୍କା ମାଝୀ, କାଳିଆ ମହାନ୍ତ, ନୟନ ସିଂ ମୁଣ୍ଡା, ରିତୁ କଲ କମାର, ଭୀମସେନ ମହାନ୍ତ ନେଇ ସହିଦ ହୋଇଥିଲେ। କୁଡୁମୀ ସମାଜର ରାଜ୍ୟ ଯୁବ ସଭାପତି ସ୍ନେହାଶିଷ ମହାନ୍ତଙ୍କ ନେତୃତ୍ୱରେ ଏହି ଦିନକୁ ମନେ ପକାଇଥିଲେ କୁଡୁମୀ।

## ଘୁମାଲରେ ଟୁସୁ ମେଳା ସମାରୋହରେ ପାଳିତ

ଝରାଡିହି, ୧୬।୧(ସମିସ): ମୟୂରଭଞ୍ଜ ଜିଲ୍ଲାରେ ମକର ଏକ ଗଣପର୍ବ ଭାବେ ପାଳନ କରାଯାଏ। ଅଞ୍ଚଳରେ ବସବାସ କରୁଥିବା କୁଡୁମାଲି ସମ୍ପ୍ରଦାୟ ଲୋକେ ଟୁସୁ ମେଳାକୁ ପାରମ୍ପରିକ ଭାବେ ପାଳନ କରିଥାନ୍ତି। ଚଳିତ ବର୍ଷ ମଧ୍ୟ ପୂର୍ବବର୍ଷ ପରି ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକ ବଡକୁଲେଇବିରା ପଞ୍ଚାୟତ ଘୁମାଲରେ ଟୁସୁ ମେଳା କମିଟିର ସଭାପତି ସଞ୍ଜୟ ମହାନ୍ତଙ୍କ



ଅଧ୍ୟକ୍ଷତାରେ ଟୁସୁ ଦେବୀ ପ୍ରତିମୂର୍ତ୍ତିକୁ ପ୍ରତିଯୋଗିତା କରାଯାଇଥିଲା। ପ୍ରଥମ ପୁରସ୍କାର ଭାବେ ମହୁଲବରେଇ ଟୁସୁ ଦେବୀ ଦଳକୁ ୩୦ ହଜାର ଟଙ୍କା, ଦ୍ୱିତୀୟ ପୁରସ୍କାର ଭାବେ କୁଲିଗୀ ଦଳକୁ ୨୨ ହଜାର ଟଙ୍କା ଏବଂ ତୃତୀୟ ପୁରସ୍କାର ଭାବେ ବରଗିଡିହି ଦଳକୁ ୧୫ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଅନ୍ୟ ଦଳକୁ ସାନ୍ତ୍ୱନା ମୂଳକ ପୁରସ୍କାର ଦିଆଯାଇଥିଲା। ପୁରସ୍କାର ବଣ୍ଟନ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଜେଡି ଏସଡିସି ଚେୟାରମ୍ୟାନ ଦେବାଶିଷ ମାର୍ଣ୍ଡି, ସମ୍ମାନିତ ଅତିଥିଭାବେ ଆୟୁଷ୍ମ ପାର୍ଟି ଓଡ଼ିଶା ରାଜ୍ୟ ସଭାପତି ଅନ୍ତ ଆଲୋକ ବାସ୍କେ, ରାଇରଙ୍ଗପୁର ପୌରାଧ୍ୟକ୍ଷ ଅଭିଷେକ ପଟ୍ଟନାୟକ, ଆୟୁଷ୍ମ ପାର୍ଟି ଜିଲ୍ଲା ସଭାପତି ଶରତ ଚନ୍ଦ୍ର ମହାନ୍ତ, ବିଜେଡି ମୟୂରଭଞ୍ଜ ଜିଲ୍ଲା-୨ ସଭାପତି ସୁବାସ ମଣ୍ଡଳ, ଭାଇସ ପ୍ରେସିଡେଣ୍ଟ ରାଇରଙ୍ଗପୁର ବାର ଆସୋସିଏନ ମନଗୋବିନ୍ଦ ମହାନ୍ତ, ଆୟୁଷ୍ମ ପାର୍ଟି ଜାମଦା ବ୍ଲକ ସେକ୍ରେଟାରୀ ଈଶ୍ୱରଚନ୍ଦ୍ର ମହାନ୍ତ, ପୂର୍ବତନ ହାଇସ୍କୁଲ ଶିକ୍ଷକ ଜନ୍ମେଜୟ ମହାନ୍ତ, କୁଡୁମୀ ସମାଜ ବିଶିଷ୍ଟ ଝୁମର ଗିତିକାର ନିରଜନ ମହାନ୍ତ, ସାମ୍ବାଦିକ ଦୀପକ କୁମାର ନାୟକ, ଶ୍ୟାମ ଚରଣ ହାଁସଦା, ସ ନ୍ତୋଷ ମହାନ୍ତ, ମାଲହା ହେମ୍ବ୍ରମ, ମଧୁସୂଦନ ଟୁଡୁ, ଲକ୍ଷ୍ମୀଧର ମହାନ୍ତ ପ୍ରମୁଖ ଗ୍ରାମବାସୀ ଉପସ୍ଥିତ ଥିଲେ।

## ବିନା ଚାଷୀରେ ପାଣି ପଞ୍ଚାୟତ ପକ୍ଷ ପାଳନ

ଝାରପୋଖରିଆ, ୧୬।୧(ସମିସ): ରାଜ୍ୟ ସରକାର ପାଣି ପଞ୍ଚାୟତ ପକ୍ଷ ପାଳନ ନିମନ୍ତେ ବ୍ୟାପକ ଆୟୋଜନ କରୁଛନ୍ତି; ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ଏହି କାର୍ଯ୍ୟକ୍ରମ ଦିଗହରା ହୋଇଛି। ସରକାର ଚାଷୀଙ୍କ ଉନ୍ନତି ପାଇଁ ବିଭିନ୍ନ ଉନୟନ୍ନମୂଳକ ଯୋଜନା ପ୍ରସ୍ତୁତ କରି ଅଧିକାରୀମାନଙ୍କ ଦାୟିତ୍ୱରେ ଛାଡ଼ିଥାନ୍ତି; ମାତ୍ର ଆଜି ଏହି କାର୍ଯ୍ୟକ୍ରମର ଏକ ଉଦାହରଣ ସୁବର୍ଣ୍ଣ ରେଖା ଜଳସେଚନ ବିଭାଗ ଝାରପୋଖରିଆ-୧ କାର୍ଯ୍ୟାଳୟରେ ଦେଖିବାକୁ ମଳିଛି। ପାଣି ପଞ୍ଚାୟତ ପକ୍ଷ ପାଳନ ନିମନ୍ତେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ହେଲେ ଏହି କାର୍ଯ୍ୟକ୍ରମରେ କୌଣସି ଚାଷୀ ଏବଂ ପାଣି ପଞ୍ଚାୟତର ନିର୍ବାଚିତ ସଦସ୍ୟଙ୍କୁ ଦେଖିବାକୁ ମିଳି ନ ଥିଲା। ଏପରିକି ଏହି କାର୍ଯ୍ୟକ୍ରମ ନେଇ କୌଣସି ଗଣପ୍ରତିନିଧିଙ୍କୁ ମଧ୍ୟ ସୂଚନା ଦିଆଯାଇ ନ ଥିଲା। ଏ ନେଇ ବିଭାଗୀୟ ମୁଖ୍ୟ ସୁରେଶ ବେହେରାଙ୍କୁ ଯୋଗାଯୋଗ କରିବାରୁ ସେ ଏହି ଘଟଣାକୁ ସ୍ୱୀକାର କରିବା ସହିତ ଦଶରଥ ସିଂ, ଚନ୍ଦ୍ରଶେଖର ରାଉତ, ଜଗନ୍ନାଥ ସିଂ ଦାୟିତ୍ୱରେ ଥିଲେ; କିନ୍ତୁ ସେମାନେ ସୁଚାରୁ ରୂପେ ସମ୍ପାଦନ କରି ନ ଥିଲେ। ତେଣୁକରି ଏହି ବିଭ୍ରାଟ ପାଇଁ ସେମାନେ ଦାୟୀ ବୋଲି କହିଛନ୍ତି।

## ମକର ମିଳନ ଓ ଫକୀରମୋହନଙ୍କ ଜୟନ୍ତୀ ପାଳିତ



ବାରିପଦା, ୧୬।୧(ସମିସ): ମୟୂରଭଞ୍ଜ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ସୋମବାର ପୂର୍ବାହ୍ଣରେ ମହର୍ଷି ପବ୍ଲିକ ସ୍କୁଲ ସଭାଗୃହରେ ମକର ମିଳନ ଓ ଫକୀର ମୋହନ ଜୟନ୍ତୀ ପାଳିତ ହୋଇଯାଇଛି। ପରିଷଦର ଉପସଭାପତି ଜୟନ୍ତ କୁମାର ଦ୍ୱାରୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବଳାଙ୍ଗୀ ମହୋତ୍ସବର ପ୍ରତିଷ୍ଠାତା ଶରତ ଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବରେ ଯୋଗଦେଇ ମୟୂରଭଞ୍ଜରେ ମକର ଏକ ଗଣପର୍ବ ବୋଲି ମତପ୍ରକାଶ କରିଥିଲେ। ପ୍ରାରମ୍ଭରେ ପରିଷଦର ସଭାପତି ପଦ୍ମନାଭ ସାହୁ ସ୍ୱାଗତ ଭାଷଣ ଓ ସମ୍ପାଦକ ମନୋଜ ଦଳବେହେରା ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। କୋଷାଧ୍ୟକ୍ଷ ଅଧ୍ୟାପକ ସମରେନ୍ଦ୍ର ବଶାଙ୍କ ସଂଯୋଜନାରେ ଆୟୋଜିତ କବିତା ଓ ଗଳ୍ପ ପାଠ କାର୍ଯ୍ୟକ୍ରମରେ ଅଜିତ ପାଣିଗ୍ରାହୀ, ଶଙ୍କର ଜେନା, ଅଜୟ ପାଳ, ନରସିଂହ ବାରିକ, ଅଶୋକ କୁମାର କର, କାବେରୀ ମିଶ୍ର, ମନୋଜ ଦଳବେହେରା ପ୍ରମୁଖ ସ୍ୱରଚିତ କବିତା ଓ ଗଳ୍ପ ପାଠ କରିଥିଲେ। କାର୍ଯ୍ୟକ୍ରମକୁ ପୀତାମ୍ବର ମଲ୍ଲିକ, ହିମାଂଶୁ ଶେଖର ଦାସ ପରିଚାଳନା କରିଥିବା ବେଳେ ଗୋପାଳ ଚନ୍ଦ୍ର ସାଓ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଶତାୟୁ ପୁରୁଷ ବିଶିଷ୍ଟ ଶିଳ୍ପୀ, ଫଟୋଗ୍ରାଫର, ବ୍ୟଙ୍ଗକାର ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ବିନ୍ଧାଣିଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ମଧ୍ୟ ଆୟୋଜିତ ହୋଇଥିଲା।

## ବିବେକାନନ୍ଦ ଶିକ୍ଷାକେନ୍ଦ୍ରର କ୍ରୀଡା ଉତ୍ସବ



ବଡ଼ସାହି, ୧୬।୧(ସମିସ): ମାଣତ୍ରୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ୧୫ତମ ବାର୍ଷିକ କ୍ରୀଡା ଉତ୍ସବ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ଅନୁଷ୍ଠାନର ମୁଖ୍ୟ ଲାକନାଥ କବତଙ୍କ ଦ୍ୱାରା ଉଦଘାଟିତ ହୋଇଥିଲା। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିପରି ଦ୍ୱିତୀୟ ଦିବସରେ ବରିଷ୍ଠ ଛାତ୍ରଛାତ୍ରୀଙ୍କ ମଧ୍ୟରେ ମଧ୍ୟ ଖେଳ ଅନୁଷ୍ଠିତ ହୋଇଥିଲା। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ଘୋଷଣା କରାଯାଇଛି।



